## ସଂକ୍ଷେପରେ

### କୃଷକ ସଚେତନତା ଶିବିର

ସୋର,୨୩।୨(ଡି.ଏନ.ଏ.): ସୋର ବ୍ଲକ ସାଜନପୁର ପଞ୍ଚାୟତ କେଶପୁରଠାରେ ଏକ କୃଷକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍କାଏମେଟ୍ର ଜିଲା ମୁଖ୍ୟ ସିଦ୍ଧାର୍ଥ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସୋର ଜିଲା କୃଷି ଅଧିକାରୀ ଧୃରେନ୍ଦ୍ର ନାଥ ମଲିକ, ସମ୍ମାନିତ ଅତିଥି ପିପିଓ ଆଶିଷ କୁମାର ସାହୁ ଯୋଗଦେଇଥିଲେ। ଏଥିନେଇ କୃଷକମାନଙ୍କୁ ପାଣିପାଗ ଓ ଚାଷ ସମ୍ବନ୍ଧୀୟ ସଚେତନତା କରାଯାଇଥିଲା। କିଭଳି କୃଷକମାନେ ବିନା ମୂଲ୍ୟରେ ସ୍କାଏମେଟ୍ର ସୁବିଧା ସୁଯୋଗ ପାଇପାରିବେ କୁହାଯାଇଥିଲା। ସ୍କାଏମେଟ୍ର ବ୍ଲକ ମୁଖ୍ୟ ଜିତେନ୍ଦ୍ର କୁମାର ଦାଶ, ସିଓଇ ଦମ୍ବରୁଧର ସାହୁ ଉପସ୍ଥିତ ଥିଲେ।

### ଛାତ୍ରୀଙ୍କ ଆତ୍ମହତ୍ୟା

ବସ୍ତା, ୨୩।୨(ସ୍ୱ.ପ୍ର.): ବସ୍ତା ଥାନା ଶାମରାଇପୁର ଗ୍ରାମର ପାୟଲ ଦାସ ନାମକ କଲେଜ ଛାତ୍ରୀ ଫାଶୀ ଦେଇ ଆତ୍ମହତ୍ୟା କରିଛନ୍ତି। ସେ ଶନିବାର ବେକରେ ଆପ୍ରୋନ ଗୁଡାଇ ଫ୍ୟାନରେ ଝୁଲି ପଡିଥିଲେ। ପାୟଲ ଜାମଶୂଳୀ ଲକ୍ଷ୍ମୀନାରାୟଣ କଲେଜ +୨ କଳା ବିଭାଗରେ ଦ୍ୱିତୀୟ ବର୍ଷର ଛାତ୍ରୀ ଥିଲେ। ଆତ୍ମହତ୍ୟାର କାରଣ ଜଣାପଡିନାହିଁ।

### ଶହୀଦଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି

ବସ୍ତା, ୨୩।୨(ସ୍ୱ.ପ୍ର.): କଶ୍ମୀରର ପୁଲୱାମାରେ ଶହୀଦ ଯବାନଙ୍କ ପ୍ରତି ବସ୍ତା ଅଞ୍ଚଳର ବିଭିନ୍ନ ସଙ୍ଗଠନ ଓ ଅନୁଷ୍ଠାନ ପକ୍ଷରୁ ମହମବତୀ ଶୋଭାଯାତ୍ରା ଓ ଶୋକସଭା କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ବସ୍ତା ବ୍ଲକର ବାହାର୍ଦ୍ଧା ଏଫସିସି କ୍ଲବ ପକ୍ଷରୁ ଶୋଭାଯାତ୍ରା ବାହାରି ଗାନ୍ଧିଛକଠାରେ ପହଞ୍ଚିଥିଲା। ପରେ ମହାତ୍ମା ଗାନ୍ଧିଙ୍କ ପ୍ରତିମୂର୍ତ୍ତି ନିକଟରେ ଶୋକସଭା ଅନୁଷ୍ଠିତ ହୋଇଥିଲା। ସେହିପରି ରଘୁନାଥପୁର ପଞ୍ଚାୟତର ଗୋସେଇଁପାଟଣା ଛକରୁ ଶତାଧିକ ଲୋକ ମହମବତୀ ଶୋଭାଯାତ୍ରାରେ ବେଲି, ରାମଚକ, ବଡ଼ଅସ୍ତି, ସାନଅସ୍ତି, ମାଛରଙ୍କା ପରିକ୍ରମା କରିଥିଲେ। ପତ୍ରଝଡା ପଞ୍ଚାୟତର କୁଶଡିହାଠାରେ ସ୍ଥାନୀୟ ଗ୍ରାମବାସୀ ମହମବତୀ ଶୋଭାଯାତ୍ରା କରିଥିଲେ। ମୁକୁଳିସିଠାରେ ବିଧାୟକ ନିତ୍ୟାନନ୍ଦ ସାହୁ, ଚୋରମରାଠାରେ ସରପଞ୍ଚ ପରିତୋଷ କମିଳା ମହମବତୀ ଶୋଭାଯାତ୍ରା ଆୟୋଜନ କରିଥିବା ବେଳେ ବସ୍ତା ପ୍ରେସ କ୍ଲବ ପକ୍ଷରୁ ତଦନୁରୂପ ଶୋଭାଯାତ୍ରା ଈଶ୍ୱରବର୍ତ୍ତୀ ମନ୍ଦିର ପ୍ରାଙ୍ଗଣରୁ ଆରମ୍ଭ ହୋଇ ବଜାର ପରିକ୍ରମା ସହ ପ୍ରେସକ୍ଲବ ନିକଟରେ ପହଞ୍ଚିଥିଲା। ପ୍ରେସକ୍ଲବ ସଭାପତି ରାମଚନ୍ଦ୍ର ଦେବଙ୍କ ଅଧ୍ୟକ୍ଷତାରେ ସେଠାରେ ଶୋକସଭା ଆୟୋଜିତ ହୋଇଥିଲା।

### ଭ୍ରମଣକାରୀ ଜୟଦେବଙ୍କୁ ସମ୍ବର୍ଦ୍ଧନା

ରୂପ୍ସା,୨୩।୨(ଡି.ଏନ.ଏ.): ବାଲେଶ୍ୱର ସଦର ବ୍ଲକର ରୂପ୍ସା ନୀଳମଣି ମହାବିଦ୍ୟାଳୟ ପକ୍ଷରୁ ସାଇକେଲରେ ଭାରତ ଭ୍ରମଣ କରି ରକ୍ତଦାନ ସମ୍ପର୍କରେ ସଚେତନତାର ବାର୍ତ୍ତା ବାଣ୍ଟୁଥିବା ଜୟଦେବ ରାଉତଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ରକ୍ତର ଅଭାବ ପୂରଣ କରିବା ପାଇଁ ଅଣ୍ଟା ଭିଡ଼ିଥିବା ଏହି ଯୁବ ଭ୍ରମଣକାରୀଙ୍କୁ ଅଧ୍ୟକ୍ଷ ପ୍ରାଧ୍ୟାପକ ରାମଚନ୍ଦ୍ର ସାହୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ରାଉତ ଯୋଗଦେଇ ରକ୍ତ ସଙ୍କଟକୁ ଦୂର କରିବା ପାଇଁ ଯୁବ ସମାଜ ସ୍ୱେଚ୍ଛାକୃତ ରକ୍ତଦାନ ଅଭିଯାନରେ ସାମିଲ ହେବା ପାଇଁ ଆହ୍ୱାନ ଦେଇଥିଲେ। ସମ୍ମାନନୀୟ ଅତିଥି ଭାବେ ପ୍ରାଧ୍ୟାପକ ବସନ୍ତ କୁମାର ଭୋଇ, ଅଧ୍ୟାପକ ଗୌରାଙ୍ଗ ପଣ୍ଡା, ପ୍ରାଧ୍ୟାପକ ରେଣୁବାଳା ଦାସ, ଅଧ୍ୟାପକ ଶମ୍ଭୁନାଥ ଗିରି ପ୍ରମୁଖ ଯୋଗଦେଇଥିଲେ। ରକ୍ତଦାନ ପାଇଁ ସଚେତନତାର ବାର୍ତ୍ତା ପ୍ରଚାର କରି ସାଇକେଲ ଯୋଗେ ପଶ୍ଚିମବଙ୍ଗ, ଓଡ଼ିଶା, ବିହାର, ଝାଡ଼ଖଣ୍ଡ ଆଦି ରାଜ୍ୟ ପରିକ୍ରମା କରୁଥିବା ରାଉତଙ୍କୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଥିଲା।

### ଅବସରପ୍ରାପ୍ତ ଶିକ୍ଷକଙ୍କ ସ୍ମୃତିସଭା

ଖଇରା, ୨୨।୨(ଡି.ଏନ.ଏ.): ଖଇରା ବ୍ଲକ ଅଧୀନ ମହତୀପୁର ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଲକ୍ଷ୍ମୀଧର ନାୟକଙ୍କ ଏକଦଶାହ ଅବସରରେ ଗୁରୁବାର ପୃଥକ ଭାବେ ସ୍ମୃତିସଭା ମହତୀପୁର ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। କୁପାରୀ ଅବସରପ୍ରାପ୍ତ କର୍ମଚାରୀ ସଂଘ, ଆଞ୍ଚଳିକ ବ୍ରାହ୍ମଣ ସମିତି, ପରିବାର ବନ୍ଧୁବାନ୍ଧବ ବର୍ଗ ଦ୍ୱାରା ଆୟୋଜିତ ସଭାରେ ରାଧାଶ୍ୟାମ ପଣ୍ଡା, ଶତ୍ରୁଘ୍ନ ଦାସ, କୈଳାସ ଚନ୍ଦ୍ର ପୃଷ୍ଟି, ରମାକାନ୍ତ ଶତପଥି, ଉମେଶ ଚନ୍ଦ୍ର ନାୟକ, ଗୋପାଳ ରାୟମହାପାତ୍ର, ଭାଜପା ନେତା ପ୍ରତାପ ଷଡ଼ଙ୍ଗୀ, ବିଷ୍ଣୁ ସେଠୀ, ଲେଖାଶ୍ରୀ ସାମନ୍ତ ସିଂହାର, ହରେକୃଷ୍ଣ ଦାସ, ପୂର୍ବତନମନ୍ତ୍ରୀ ପଦ୍ମଲୋଚନ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।

■ ଜିଲା ପ୍ରଶାସନ ପକ୍ଷରୁ ମିଳିଲା ପ୍ରତିଶ୍ରୁତି

# ଆମରଣ ଅନଶନରୁ ଓହରିଲା କଂଗ୍ରେସ

ଭୋଗରାଇ,୨୩।୨(ଡି.ଏନ.ଏ.)


ଆନ୍ଦୋଳନକାରୀଙ୍କୁ ପ୍ରଶାସନ ପକ୍ଷରୁ ପାଣି ପିଆଇ ଅନଶନ ଭଙ୍ଗ କରାଯାଉଛି।

■ ୨୮ ତାରିଖ ସୁଦ୍ଧା ଯୋଗ୍ୟ ହିତାଧିକାରୀଙ୍କ ଭତ୍ତା, ରାଶନକାର୍ଡ

■ କଂଗ୍ରେସ ପକ୍ଷରୁ ବାହାରିଲା ବିଜୟ ଶୋଭାଯାତ୍ରା

ଭତ୍ତା, ରାଶନକାର୍ଡ଼ ଅନିୟମିତତା ପ୍ରତିବାଦରେ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକରେ କଂଗ୍ରେସ ଶାଖା ପକ୍ଷରୁ କରାଯାଇଥିବା ଆମରଣ ଅନଶନ ଶନିବାର ପ୍ରତ୍ୟାହୃତ ହୋଇଯାଇଛି। ଆସନ୍ତା ୨୮ ତାରିଖ ସୁଦ୍ଧା ବଞ୍ଚିତ ଥିବା ଯୋଗ୍ୟ ହିତାଧିକାରୀଙ୍କ ନାମ ପଞ୍ଜିକୃତ କରାଯିବା ଲାଗି ଜିଲା ପ୍ରଶାସନ ପ୍ରତିଶ୍ରୁତି ଦେବା ପରେ କଂଗ୍ରେସ ଏହି ଆନ୍ଦୋଳନରୁ ଓହରିଯାଇଛି। ଜିଲା ପ୍ରଶାସନ ପକ୍ଷରୁ ଅନଶନରେ ବସିଥିବା ମୁଖ୍ୟ ନେତା ସତ୍ୟଶିବ ଦାସଙ୍କୁ ପାଣି ପିଆଇ ଅନଶନରୁ ନିବୃତ୍ତ କରାଇଥିଲେ। ଫଳରେ ଅଶାନ୍ତ ହୋଇପଡ଼ିଥିବା ବ୍ଲକ ପରିସର ଶାନ୍ତ ହୋଇଥିଲା।

ଶନିବାର ଆନ୍ଦୋଳନର ଦ୍ୱିତୀୟ ଦିନରେ ଉଭୟ କଂଗ୍ରେସ ଓ ବିଜେଡିର କର୍ମୀ ଓ ନେତାମାନେ ପରସ୍ପର ସ୍ଲୋଗାନ, ଜିନ୍ଦାବାଦରେ ବ୍ଲକ ପରିସର କମ୍ପିଥିଲା। କଂଗ୍ରେସ ନେତା ଆଶିଷ କୁମାର ପାତ୍ର, ସନ୍ତୋଷ କୁମାର ଜେନା, ସୁମନ୍ତ ବେହେରା, ମୀନାରାଣୀ ସୁର, କାର୍ତ୍ତିକ ଚନ୍ଦ୍ର ପାତ୍ର ପ୍ରମୁଖ ନେତୃମଣ୍ଡଳୀ ସରକାର ବିରୋଧୀ ବକ୍ତବ୍ୟ ରଖୁଥିବା ବେଳେ ଅନ୍ୟପଟେ ବିଜୁ ଯୁବ ବାହିନୀର ବହୁ ସଦସ୍ୟ 'କାଳିଆ' ଯୋଜନା ଫେରାଇ ଦିଅ ବୋଲି କଂଗ୍ରେସ ଦଳକୁ ଆକ୍ଷେପ କରି ନାରାବାଜି ପ୍ରଦର୍ଶନ କରିଥିଲେ। ଏହି ସମୟରେ ବିଜେଡିର ନେତୃମଣ୍ଡଳୀ ବ୍ଲକ ପରିସରରେ ଉପସ୍ଥିତ ଥିଲେ। ଫଳରେ ଦୁଇଦଳର ନେତା ଓ କର୍ମୀମାନେ ମୁହାଁମୁହିଁ ହୋଇ ଉତ୍ତେଜନା ପ୍ରକାଶ ପାଇଥିଲା। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲା ଶିଳ୍ପକେନ୍ଦ୍ରର ଜେନେରାଲ ମ୍ୟାନେଜର ତଥା ପୂର୍ବତନ ଭୋଗରାଇ ତହସିଲଦାର ହରିହର ଜେନା, ଏସ୍‌ଡ଼ିପିଓ ସୁଦର୍ଶନ ଦାସ ପହଞ୍ଚିବା ପରେ ଦୁଇ ଦଳ ମଧ୍ୟରେ ଉତ୍ତେଜନା ପ୍ରଶମିତ ହୋଇଥିଲା। ଜିଲା ପ୍ରଶାସନର ସିଏସ୍‌ଓ ଭୋଗରାଇ ଅତିରିକ୍ତ ତହସିଲଦାର ପୃଥ୍ୱୀରାଜ ପରିଡ଼ା, ବିଡ଼ିଓ ଦୀପ୍ତିରଞ୍ଜନ ସେଠୀଙ୍କ ସହ ଦୀର୍ଘ ସମୟ ଆଲୋଚନା ପରେ ଆନ୍ଦୋଳନକାରୀଙ୍କ ଦାବି ସହିତ ଆଲୋଚନା ପର୍ଯ୍ୟାଲୋଚନା କରାଯାଇଥିଲା। କଂଗ୍ରେସ ପକ୍ଷରୁ କରାଯାଇଥିବା ଦାବିଗୁଡ଼ିକ ପ୍ରଶାସନ ମାନି ନେଇଥିବାରୁ ଆନ୍ଦୋଳନକାରୀଙ୍କ ବିଜୟ ହେଲା ବୋଲି କଂଗ୍ରେସ ନେତାମାନେ ଅଭିଭାଷଣ ସହ ସ୍ଲୋଗାନ ଦେଇ ବ୍ଲକରୁ କଂଗ୍ରେସ ଭବନ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା କରିଥିଲେ।


ଇଲେକଶନ୍ ୱାଚ୍ ତରଫରୁ ପ୍ରସ୍ତୁତ କରାଯାଇଥିବା ପୋଷ୍ଟର ଉନ୍ମୋଚନ କରାଯାଉଛି।

## ବାଲେଶ୍ୱରରେ 'ଇଲେକ୍ସନ ୱାଚ୍' କାର୍ଯ୍ୟକ୍ରମ

ବାଲେଶ୍ୱର ଅଫିସ, ୨୩।୨

ବାଲେଶ୍ୱରଠାରେ ଜାତୀୟ ଇଲେକଶନ ୱାଚ୍ ରାଜ୍ୟ ଉପକ୍ରମ ତରଫରୁ ଶନିବାର ଭୋଟର ସଚେତନତା ଅଭିଯାନ ଶୁଭାରମ୍ଭ କରାଯାଇଛି। ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ରମେଶ ଚନ୍ଦ୍ର ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା ଏକ ସଚେତନତାଧର୍ମୀ କାର୍ଯ୍ୟକ୍ରମ। ଗଣତନ୍ତ୍ରକୁ ସୁଦୃଢ଼ କରିବା ଦିଗରେ ଭୋଟରମାନଙ୍କୁ ସଚେତନ କରିବା ଏହାର ଉଦ୍ଦେଶ୍ୟ। କେହି ବି ଯେପରି ଭୋଟ ଅଧିକାର ସାବ୍ୟସ୍ତ କରିବାରୁ ବାଦ୍ ନ ପଡ଼ନ୍ତି ସେଥିପାଇଁ ଏହି ଅଭିଯାନ ଉଦ୍ଦିଷ୍ଟ ବୋଲି କହିଥିଲେ।

ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁବାଷ ନିଆଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ଇଲେକଶନ୍ ୱାଚ୍‌ର ଜିଲା ସଂଯୋଜକ ଉବାଚକ ମହାନ୍ତି ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ ଏହାର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଏହି ଅବସରରେ ଜିଲାପାଳ ଇଲେକଶନ୍ ୱାଚ୍ ତରଫରୁ ପ୍ରସ୍ତୁତ କରାଯାଇଥିବା ପୋଷ୍ଟରକୁ ଉନ୍ମୋଚନ କରିଥିଲେ। ପରେ ବିଭିନ୍ନ ଭିଡ଼ିଓ ମାଧ୍ୟମରେ ସଚେତନତାଧର୍ମୀ ଆଲୋକ ଚିତ୍ର ପ୍ରଦର୍ଶନ କରାଯାଇଥିଲା। ସହକାରୀ ଜିଲାପାଳ (ନିର୍ବାଚନ) ସତ୍ୟଜିତ ମହାନ୍ତି, କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ଓ ଜିଲା ସଂସ୍କୃତି ଅଧିକାରୀ ମନସ୍ୱିନୀ ରାଉତ ପ୍ରମୁଖ ମଞ୍ଚାସୀନ ଥିବାବେଳେ ଖବରଦାତା ରତିକାନ୍ତ ପାତ୍ର ଧନ୍ୟବାଦ ପ୍ରସ୍ତାବ ଆଗତ କରିଥିଲେ। ପରେ ଏକ ସଚେତନତା ରଥକୁ ଜିଲାପାଳ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହା ଜିଲାର ବିଭିନ୍ନ ସ୍ଥାନ ଭ୍ରମଣ କରି ନିର୍ବାଚନ ଓ ଭୋଟ ଅଧିକାର ସମ୍ପର୍କରେ ଜନଚେତନା ଜାଗ୍ରତ କରିବ। ନିର୍ବାଚନକୁ ସ୍ୱଚ୍ଛ, ଅର୍ଥ ଓ ବାହୁବଳର ପ୍ରଭାବକୁ ହ୍ରାସ କରିବା ଏହାର ଅସଲ ଉଦ୍ଦେଶ୍ୟ ବୋଲି ଆୟୋଜକ ପ୍ରକାଶ କରିଛନ୍ତି।

■ ମହିଳା ଏବେ ଅସୁରକ୍ଷିତ

## ପ୍ରଶାସନକୁ ଘେରିବାକୁ ଚେତାବନୀ


ଖବରଦାତା ସମ୍ମିଳନୀରେ ଭାଜପା ମହିଳା ମୋର୍ଚ୍ଚାର ସଦସ୍ୟା।

ଖଇରା,୨୩।୨(ଡି.ଏନ.ଏ.)

ଖଇରା ବ୍ଲକରେ ସାଧାରଣ ଲୋକଙ୍କୁ ନ୍ୟାୟ ମିଳୁ ନ ଥିବା ବେଳେ ସବୁଥିରେ ଦଳୀୟ ମନୋଭାବ ରଖି ଶାସକ ଦଳ ହିତାଧିକାରୀ ଚୟନ କରୁଛି । ଗାଁ ଗାଁରେ ମଦ ଦୋକାନ ଖୋଲାଯାଉଥିବାରୁ ମହିଳା ଝିଅ ବୋହୂମାନେ ସନ୍ଧ୍ୟା ପରେ ଯାତାୟାତ କରିବାକୁ ନିରାପଦ ମଣୁ ନାହାନ୍ତି । ବର୍ତ୍ତମାନ ଖଇରା ଥାନା ଅଧୀନରେ ହାରାହାରି ୬ଶହ ବେଆଇନ ମଦ ଦୋକାନ ଖୋଲାଯାଉଛି। ଯେଉଁମାନଙ୍କୁ କାଁ ଭାଁ ଧରାଯାଉଛି ସେମାନେ ଜେଲରୁ ଖୁବ କମ୍ ସମୟ ମଧ୍ୟରେ ମୁକୁଳି ପୁଣି ବେପାରରେ ମାତିଯାଉଛନ୍ତି । ନିକଟରେ ପୂର୍ବତନ ମନ୍ତ୍ରୀ ତଥା ଭାଜପା ନେତା ପଦ୍ମଲୋଚନ ପଣ୍ଡା ଏହାର ପ୍ରତିବାଦ କରିବାରୁ ଶାସକ ଦଳ ଭୟରେ କେତେକ ମହିଳାଙ୍କୁ ଢାଲ କରି ତାଙ୍କ ନାମରେ ମିଛ ମାମଲା କରିବାକୁ ଧମକ ଦେଇଛନ୍ତି, ଯାହା ଅଗଣତାନ୍ତ୍ରିକ। ବର୍ତ୍ତମାନ ପୂର୍ବତନ ମନ୍ତ୍ରୀଙ୍କ ଲୋକପ୍ରିୟତାକୁ ଭୟ କରି ଶାସକ ଦଳ ନେତୃବୃନ୍ଦ ତାଙ୍କ ସ୍ୱର ବନ୍ଦ କରିବାକୁ ବିଭିନ୍ନ ଷଡଯନ୍ତ୍ର କରୁଛନ୍ତି। ଯାହାର ଉତ୍ତର ଭାଜପା ମହିଳାମୋର୍ଚ୍ଚା ଖୁବ ଶୀଘ୍ର ଦେବ। ରାସ୍ତା ଅବରୋଧ ଓ ଧାରଣା ଦିଆଯିବ ବୋଲି ଖଇରାଠାରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ନାରୀନେତ୍ରୀମାନେ ପ୍ରକାଶ କରିଛନ୍ତି। ଉକ୍ତ ସମ୍ମିଳନୀରେ ଭାଜପା ଜିଲା କମିଟି ସଦସ୍ୟା ଗୌରୀ ମହାପାତ୍ର, ଶାନ୍ତିଲତା ସାହୁ, ଶାନ୍ତି ଓଝା, ମମତା ମହାରଣା, ଲକ୍ଷ୍ମୀ ମହାପାତ୍ର, ସଂଯୁକ୍ତା ରାଉତ, ମମତା ମହାରଣା, ବିମଳା ରାୟ ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଖଇରା ଥାନା ଆଇଆଇସି ଲୋପାମୁଦ୍ରା ନାୟକଙ୍କୁ ଯୋଗାଯୋଗ କରାଯିବାରୁ ସେ ଏହାକୁ ଖଣ୍ଡନ କରିବା ସହ ମଦ ଧରିବା ଦାୟିତ୍ୱ ତାଙ୍କର ନୁହେଁ ଅବକାରୀ ବିଭାଗର ବୋଲି କହିଛନ୍ତି।

## ପୁଲୱାମା ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ନିରାଡ଼ମ୍ବର ଭାବେ ସ୍ୱାଧୀନତା ସଂଗ୍ରାମୀଙ୍କ ଜୟନ୍ତୀ ପାଳିତ

ବାଲେଶ୍ୱର ଅଫିସ, ୨୩।୨

ବାଲେଶ୍ୱର ଜିଲା ସଦର ବ୍ଲକ ରସଲପୁର ଗ୍ରାମରେ ଜନ୍ମିତ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପୂର୍ଣ୍ଣଚନ୍ଦ୍ର ଜୀଙ୍କ ୧୦୬ତମ ଜୟନ୍ତୀ ଗୋପାଳଗାଁ ସ୍ଥିତ ନୃତ୍ୟ ସଙ୍ଗୀତ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। କଳା, ସଂସ୍କୃତିର ସୁପରିଚିତ ସଂଗଠକ ଶରତ ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଏକ ନିରାଡ଼ମ୍ବର ପରିବେଶରେ ଏହା ପାଳିତ ହୋଇଥିଲା। ଆତଙ୍କବାଦୀ ପୁଲୱାମାଠାରେ ଭାରତୀୟ ଯବାନମାନଙ୍କୁ ବର୍ବରୋଚିତ ଆକ୍ରମଣକୁ ନିନ୍ଦା କରିବା ସହ ଭାରତୀୟ ଶହୀଦ ଯବାନମାନଙ୍କ ପାଇଁ ସର୍ବପ୍ରଥମେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। କବି ସାଂତାଶୁ ଲେଙ୍କାଙ୍କ ପ୍ରସ୍ତାବମତେ କବୟିତ୍ରୀ ଯଶୋଧରା ଦାସ, ଡ. ପ୍ରହ୍ଲାଦ ଚରଣ ମହାନ୍ତି, ଡ. ହରିଶ୍ଚନ୍ଦ୍ର ବେହେରା, ଡ. ଶିରିଷ ଚନ୍ଦ୍ର ଜେନା, ଆଇନଜୀବୀ ଅଶୋକ ସେନାପତି ଯୋଗଦେଇ ସ୍ୱାଧୀନତା ସଂଗ୍ରାମୀ ପୂର୍ଣ୍ଣଚନ୍ଦ୍ର ଜୀଙ୍କ ନୀତିନିଷ୍ଠ ଜୀବନ ଉପରେ ଆଲୋକପାତ କରିଥିଲେ। ସ୍ୱାଧୀନତା ସଂଗ୍ରାମୀଙ୍କ ମଧ୍ୟମପୁତ୍ର କବି ଶ୍ରୀଦେବଙ୍କ ପରିଚାଳନାରେ ଏକ ଅଭିନବ ପ୍ରୟାସ 'କାବ୍ୟୋଚ୍ଛ୍ୱାସ : ବାପା' କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କବି ଉତ୍ପଳ ମହାନ୍ତି, ପ୍ରୀତିଲେଖା ଦାସ, ସୀତାଂଶୁ ଲେଙ୍କା, ସୁନୀଲ ପଣ୍ଡା, କଲ୍ୟାଣୀ ନନ୍ଦ, ରଞ୍ଜନ ବାଗ୍, ନିବାରଣ ଜେନା, ଜ୍ୟୋତିର୍ମୟୀ ଶତପଥୀ, ଆଇନଜୀବୀ ଜ୍ୟୋତ୍ସ୍ନା ମହାନ୍ତି, ଅବନୀ ଜେନା, ହିମାଂଶୁ ଦାସ, ଆଇନଜୀବୀ ମାନସ ବିହାରୀ ଅଗସ୍ତି, ଅଧ୍ୟାପକ ଶଶିକାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ରହି 'ବାପା' ଶୀର୍ଷକ କବିତାପାଠ କରିଥିଲେ। କବି ଶ୍ରୀଦେବ 'ସ୍ୱାଧୀନତା ସଂଗ୍ରାମୀ ପୂର୍ଣ୍ଣଚନ୍ଦ୍ର ସ୍ମାରକୀ ବକ୍ତୃତା' ନିକଟ ଭବିଷ୍ୟତରେ ଚନ୍ଦ୍ରଭାଗୋତ୍ସବ ମିଳିତ ଉଦ୍ୟମରେ ହେବାର ସୂଚନା ପ୍ରଦାନ କରିଥିଲେ।

## ଧାନର ଅଭାବୀ ବିକ୍ରି ପ୍ରତିବାଦରେ ଅନଶନ

ସଜନାଗଡ଼, ୨୩।୨(ଡି.ଏନ.ଏ.)


ନୀଳଗିରି ଉପ-ଜିଲାପାଳଙ୍କ ଅଫିସ୍ ଫାଟକ ସମ୍ମୁଖରେ ଅନଶନକାରୀ

ରାଜ୍ୟ ସରକାର ଚାଷୀଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ଠିକ୍ ଭାବେ ଯୋଗାଇ ଦେବାକୁ ଆନୁଷଙ୍ଗିକ ବ୍ୟବସ୍ଥା କରିଛନ୍ତି। ମାତ୍ର ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳରେ କେତେବେଳେ ମିଲର୍ସଙ୍କ ଅସହଯୋଗ ତ ପୁଣି କେତେବେଳେ କୁହାଯାଉଛି ନମ୍ବର ଆସିନାହିଁ। ଆଉ କେତେବେଳେ ଆମ୍ବର କୋଟା ଶେଷ ହୋଇଛି। ସରକାରୀ କର୍ମଚାରୀଙ୍କ ଏଭଳି ଆଚରଣରେ ଚାଷୀକୁଳ ହତାଶ ହୋଇପଡ଼ିଛନ୍ତି। ଅନ୍ୟପକ୍ଷରେ ଘର ଘର ବୁଲି ଧାନ କିଣିବା ପାଇଁ ଆସୁଥିବା ବ୍ୟବସାୟୀଙ୍କ ହାତକୁ ଚାଷୀମାନେ ଧାନ ଟେକି ଦେଉଛନ୍ତି। ବ୍ୟବସାୟୀମାନେ ଉକ୍ତ ଧାନକୁ କିଣି ପଡ଼ୋଶୀ ଛତିଶଗଡ଼ ଓ ଆନ୍ଧ୍ରପ୍ରଦେଶକୁ ଚାଲାଣ କରୁଛନ୍ତି। ଚାଷୀ ଅଭାବୀ ବିକ୍ରି ସମସ୍ୟାରେ ସମ୍ମୁଖୀନ ହେଉଥିବା ନେଇ ଶନିବାର ନୀଳଗିରିର ପ୍ରାକ୍ତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ, ନବନିର୍ମାଣ କୃଷକ ସଙ୍ଗଠନର ବହୁ କର୍ମକର୍ତ୍ତାଙ୍କ ସମେତ ଅନେକ ଚାଷୀ ନୀଳଗିରି ଉପଜିଲାପାଳଙ୍କ ଅଫିସ୍ ଫାଟକ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଅନଶନରେ ବସିଛନ୍ତି। ଏହି ଅନଶନକୁ ସମର୍ଥନ ଜଣାଇ ପ୍ରାକ୍ତନ ବିଧାୟକ ଅକ୍ଷୟ ଆଚାର୍ଯ୍ୟ, ନୀଳଗିରି ସିପିଆଇ ଦଳର ନିରଞ୍ଜନ ବାରିକ, କୈଳାସ ପଣ୍ଡା, ଯତୀନ୍ଦ୍ର ନାୟକ, ପୁରୁଷୋତ୍ତମ ସାହୁ, ଚନ୍ଦନ ରାଉତ, ଅନାଡ଼ି ରାଉତ, ମକରନ୍ଦ ମଣ୍ଡଳ, ଅପୂର୍ତ୍ତି ସ୍ୱାଇଁଙ୍କ ସମେତ ଶତାଧିକ ଆଦିବାସୀ ମହିଳା ପୁରୁଷ ଯୋଗଦେଇ ଚାଷୀ ହତାଶ, ବ୍ୟବସାୟୀ ମାଲେମାଲ୍ ସହ ସରକାରଙ୍କ ମିଥ୍ୟା ପ୍ରତିଶ୍ରୁତି ବିଷୟରେ ଆଲୋଚନା ଜୋର୍ ଧରିଥିଲା। ନୀଳଗିରି ଗଡ଼ଜାତ ମାଟିରେ ଚାଷୀ ଯଦି ମେଳି ବାନ୍ଧିବ ତେବେ ଆଗକୁ ପରିସ୍ଥିତି ଅସମ୍ଭାଳ ହେବ। ପରିସ୍ଥିତିକୁ ଗୁରୁତର ମନେ କରି ପ୍ରଶାସନ ଅନୁମାନ କରି ଉପଜିଲାପାଳ ଦାୟିତ୍ୱରେ ଥିବା ନୀଳଗିରି ବିଡିଓ ରାମଦାସ ଟୁଡୁ ଅନଶକାରୀଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି। ଧାନ ନ ସରିବା ପର୍ଯ୍ୟନ୍ତ ଧାନକିଣା ବ୍ୟବସ୍ଥା, ସିରିଏଲ୍ ଅନୁସାରେ ଧାନ କିଣିବା ବ୍ୟବସ୍ଥା, ଧାନ କିଣାରେ ମିଲର୍ସ କାଟୁଥିବା ଶତକଡ଼ାକୁ ଧାନ ଦିଆଯିବା, ଧାନ କିଣାରେ ଲକ୍ଷ୍ୟ ଶେଷ ହେଲେ ପୁଣି ଧାନ ସଂଗ୍ରହର ଲକ୍ଷ୍ୟ ବଢ଼ାଯିବ ଆଲୋଚନା ପରେ ଅନଶନକାରୀଙ୍କୁ ରାମଦାସ ଟୁଡୁ ଫଳ ରସ ପିଆଇ ଧାରଣାସ୍ଥଳରୁ ଉଠାଇଥିଲେ।

## ଦାଦାଗିରି କରି ଟଙ୍କା ଆଦାୟ ଅଭିଯୋଗ

ଜଳେଶ୍ୱର,୨୩।୨(ଡି.ଏନ.ଏ.)

**ପୋଲିସ କର୍ମଚାରୀଙ୍କୁ ବି ଛାଡିଲେନି**

ଜଳେଶ୍ୱର ଥାନା ନାମ୍ପୋ ଫାଣ୍ଡି ଅଧୀନ ଡେମୁରିଆ ଗ୍ରାମର କେତେକ ଯୁବକ ଏକ କାର୍ (ନଂ.ଡବ୍ଲ୍ୟୁବି୨୬ଏଏକ୍ସ-୮୦୫୯) କୁ ଅଟକାଇ ସେଥିରେ ଥିବା ପଶ୍ଚିମବଙ୍ଗର କେତେକ ଯୁବକଙ୍କୁ ଜୋରଜବରଦସ୍ତ ଚାନ୍ଦା ମାଗିଥିଲେ। ସେମାନେ ଭୟଭୀତ ହୋଇ ୩୦ହଜାର ଟଙ୍କା ଦେଇଥିଲେ ମଧ୍ୟ ଚାନ୍ଦା ଆଦାୟକାରୀମାନେ ଏଥିରେ ସନ୍ତୁଷ୍ଟ ନ ହୋଇ ଆଉ ଅଧିକ ୧ ଲକ୍ଷ ଟଙ୍କା ମାଗିଥିଲେ। ବଙ୍ଗୀୟ ଯୁବକମାନେ ଏଥିରେ ରାଜି ନ ହେବାରୁ ସେମାନଙ୍କୁ ଅଟକ ରଖି ଉକ୍ତ ଯୁବକମାନେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଘଟଣା ସମ୍ପର୍କରେ ଖବରପାଇ ନାମ୍ପୋ ଫାଣ୍ଡି ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ କାର୍ଯ୍ୟରତ କନଷ୍ଟେବଳ ମନୋରଞ୍ଜନ ମହାଳିକ ସେଠାରେ ପହଞ୍ଚି ଏଭଳି ଗୁଣ୍ଡାଗର୍ଦ୍ଦି କରିବାକୁ ମନା କରିଥିଲେ। ହେଲେ ସେମାନେ କନଷ୍ଟେବଳଙ୍କ କଥା ନ ଶୁଣି ଓଲଟା ଗାଳିଗୁଲଜ କରି ଗଛରେ ବାନ୍ଧି ନିଆଁ ଲଗାଇଦେବେ ବୋଲି ଧମକ ଦେଇଥିଲେ। ଯାହାକୁ ନେଇ ସମ୍ପୃକ୍ତ ଯୁବକମାନଙ୍କ ବିରୋଧରେ କନଷ୍ଟେବଳଙ୍କ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ଚାନ୍ଦା ଆଦାୟ ତଥା ହତ୍ୟା ଧମକ ମାମଲା(ନଂ.୪୮/୨୦୧୯) ଜଳେଶ୍ୱର ଥାନାରେ ରୁଜୁ କରିଛି। ଏହି ମାମଲାରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ମଧ୍ୟରୁ ଅଦ୍ୟାବଧି ଜଣଙ୍କୁ ହେଲେ ମଧ୍ୟ ପୋଲିସ ଗିରଫ କରିବାରେ ସଫଳ ହୋଇନି।

## ସୋର ସିଭିଲ କୋର୍ଟର ନୂତନ ଗୃହ ଉଦ୍‌ଘାଟିତ

ସୋର, ୨୩।୨(ଡି.ଏନ.ଏ.)

ସୋର କୋର୍ଟ ପରିସରରେ ସିଭିଲ ଜଜ୍ ସିନିୟର ଡିଭିଜନ କମ୍ ସେସନ୍ସ ଓ ସିଭିଲଜଜ୍ ଜୁନିୟର ଡିଭିଜନ କୋର୍ଟ କମ୍ପ୍ଲେକ୍ସର ନୂତନ ଗୃହ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ବାଲେଶ୍ୱର ଜିଲା ଦୌରାଜଜ୍ ରାମଶଙ୍କର ହୋତା ଉଦ୍‌ଘାଟନ କରିଥିଲେ। ବାଲେଶ୍ୱର କୋର୍ଟର ମ୍ୟାନେଜର ଶଶିକାନ୍ତ ପ୍ରଧାନ, ସୋର ସବ୍ ଜଜ୍ ଚିତ୍ତରଞ୍ଜନ ମିଶ୍ର, ଜେଏମ୍‌ଏଫ୍‌ସି ମମିତା ସାହୁ ଉପସ୍ଥିତ ଥିଲେ। ସୋର ଓକିଲ ସଂଘ ସଭାପତି ନିରଞ୍ଜନ ଜେନା, ସମ୍ପାଦକ ମନୋରଞ୍ଜନ ରାଉତ, ବାଲେଶ୍ୱର ଓକିଲ ସଙ୍ଘର ସଭାପତି ନିରଞ୍ଜନ ପଣ୍ଡା, ହାଇକୋର୍ଟର ଆଇନଜୀବୀ ସଞ୍ଜୟ ଦାସ, ପ୍ରୋଗ୍ରେସିଭ୍ ବାର୍‌ର ସଭାପତି ରମେଶ ନାୟକ, ସମ୍ପାଦକ ଗିରିଧାରୀ ଦାସ, ଗୋପାଳକୃଷ୍ଣ ରାୟ ମହାପାତ୍ର, ପଦ୍ମଲୋଚନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।


ସୋର ସିଭିଲ କୋର୍ଟର ନୂତନ ଗୃହ ଉଦ୍‌ଘାଟନ କରାଯାଉଛି।

■ ସର୍ବଭାରତୀୟ ରାୟସାହେବ ଫୁଟବଲ ଟୁର୍ଣ୍ଣାମେଣ୍ଟ

## ଫାଇନାଲରେ ହରିପ୍ଲାଷ୍ଟ ବାଲେଶ୍ୱର, ବାରିପଦା କ୍ରୀଡ଼ା ଛାତ୍ରାବାସ

ବାଲେଶ୍ୱର ଅଫିସ, ୨୩।୨

ବାଲେଶ୍ୱର ଜିଲା ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ପରମିଟ ପଡ଼ିଆରେ ସର୍ବଭାରତୀୟ ରାୟସାହେବ ପ୍ରଫୁଲ୍ଲ ଚନ୍ଦ୍ର ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ଷଷ୍ଠ ଦିବସରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଶନିବାର ଅନୁଷ୍ଠିତ ହୋଇଯାଇଛି। ବାରିପଦା କ୍ରୀଡ଼ା ଛାତ୍ରାବାସ ଓ ଆରପିଏଫ୍ ଦକ୍ଷିଣ ପୂର୍ବ ରେଳବାଇ ଦଳ ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଶେଷରେ ଟାଇବେକର୍‌ରେ କ୍ରୀଡ଼ା ଛାତ୍ରାବାସ ଦଳ ଆରପିଏଫ୍ ଦଳକୁ ୪-୨ ଗୋଲରେ ହରାଇ ଫାଇନାଲ ଖେଳିବା ପାଇ ଯୋଗ୍ୟତା ହାସଲ କରିଥିଲେ। ବାରିପଦା କ୍ରୀଡ଼ା ଛାତ୍ରାବାସ ଦଳର ସୁବ୍ରତ ପ୍ରଧାନଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍‌ରେ ସମ୍ମାନିତ କରାଯାଇଥିଲା।



ଅତିଥିଙ୍କ ଦ୍ୱାରା ସୁବ୍ରତ ପ୍ରଧାନଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ପ୍ରଦାନ।

ଅତିଥି ଭାବରେ ଶିଳ୍ପପତି ହିମାଂଶୁ ଦାସ, ପ୍ରକାଶ କୁମାର ନାୟକ, ସେକ୍ ମହମ୍ମଦ ଇସଲାମ ଯୋଗଦେଇ ଖେଳାଳିମାନଙ୍କ ସହିତ ପଡ଼ିଆରେ କରମର୍ଦ୍ଦନ ପରେ ମ୍ୟାଚ୍ ଆରମ୍ଭ ହୋଇଥିଲା। ଖେଳ ଶେଷ ପରେ ଅତିଥିମାନେ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ସୁବ୍ରତଙ୍କୁ ଟ୍ରଫି ପ୍ରଦାନ କରି ସମ୍ମାନିତ କରିଥିଲେ। ସଙ୍ଗଠନ ସମ୍ପାଦକ ସଂଗ୍ରାମ ଦାସ, ଜିଲା କ୍ରୀଡ଼ା ସଂଘର ସାଧାରଣ ସମ୍ପାଦକ ଅଭୟ ମହାପାତ୍ର, କାର୍ଯ୍ୟକାରୀ ସଭାପତି ଅଧିପ ଦାଶ, ସହ ସମ୍ପାଦକ ପଦ୍ମଲୋଚନ ଲେଙ୍କା, ଉପସଭାପତି ହରମୋହନ ଦାସ, ସୁକାନ୍ତ ନାୟକ, ଯୁଗ୍ମ ସମ୍ପାଦକ ନିମାଇଁ ଚରଣ ରାଉତରାୟ, କାର୍ତ୍ତିକ ନାୟକ, ସଞ୍ଜୟ ଲେଙ୍କା, ଜଗଦୀଶ ବେହେରା, ତରୁଣ ଚାଟାର୍ଜୀ, କୋଷାଧ୍ୟକ୍ଷ ଅମର କୁମାର ମହାନ୍ତି, ପ୍ରଦିପ କୁମାର ଦାସ, ସାଦିକ ଅଲ୍ଲି ଖାଁ, ଚିତ୍ତରଞ୍ଜନ ପାଶା, ତପନ ଚକ୍ରବର୍ତ୍ତୀ, ସୁରଜିତ ମହାପାତ୍ର ଉପସ୍ଥିତ ରହି ଖେଳ ପରିଚାଳନାରେ ସହଯୋଗ କରିଥିଲେ। ଖେଳକୁ ସୁଜିତ କୁମାର ପାତ୍ର, ଅରୁଣ କୁମାର ନାୟକ, ପ୍ରଦୀପ କୁମାର ଦାସ, ସେକ ଅବଦୁଲ ମଜିଦ ଓ କାର୍ତ୍ତିକ ଚନ୍ଦ୍ର ନାୟକ ପରିଚାଳନା କରିଥିଲେ। ସୂଚନା ଯେ, ରବିବାରର ଫାଇନାଲ ଖେଳ ବାରିପଦା କ୍ରୀଡ଼ା ଛାତ୍ରାବାସ ଓ ହରିପ୍ଲାଷ୍ଟ ବାଲେଶ୍ୱର ଦଳ ମଧ୍ୟରେ ଅନୁଷ୍ଠିତ ହେବ।

## ସଂକ୍ଷେପରେ

### ସାପ କାମୁଡ଼ାରେ ଯୁବକ ମୃତ

**ବଡ଼ସାହି,୨୩।୨(ସ୍ୱ.ପ୍ର):** ବଡ଼ସାହି ଥାନା ଅଧୀନ ଶଙ୍କୁଚା ଗ୍ରାମର ଜଣେ ଯୁବକଙ୍କୁ ସାପ କାମୁଡିବାରୁ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ରାତିରେ ତାଙ୍କର ମୃତ୍ୟୁ ଘଟିଛି। ଯୁବକ ଜଣକ ହେଲେ ଶଙ୍କୁଚା ଗ୍ରାମର ରାମଚନ୍ଦ୍ର ମୁର୍ମୁ(୩୫)। ଏକ ବିଷଧର ସାପ କାମୁଡି ଦେବା ପରେ ପରିବାର ଲୋକେ ତାଙ୍କୁ ବଡସାହି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ତାଙ୍କର ମୃତ୍ୟୁ ହୋଇଛି। ଏ ସଂକ୍ରାନ୍ତରେ ବଡ଼ସାହି ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ବାରିପଦା ପିଆରଏମ୍ ମେଡିକାଲକୁ ପଠାଇଛି।

### ସଡ଼କ ଦୁର୍ଘଟଣା: ୩ଗୁରୁତର

**ବଡ଼ସାହି,୨୩।୨(ସ୍ୱ.ପ୍ର):** ବଡ଼ସାହି ଥାନା ଅଧୀନ ପୃଥକ ସ୍ଥାନରେ ଦୁର୍ଘଟଣା ଘଟି ୩ ଗୁରୁତର ହୋଇଛନ୍ତି। ୨ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ବାରିପଦା ପିଆରଏମ୍ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ବଡ଼ସାହି-ବେତନଟୀ ରାସ୍ତାର ପତୁକାସାହି ଠାରେ ଏକ ଟେମ୍ପୋ ବାଇକୁ ଧକ୍କା ଦେବାରୁ ଭାରସାମ୍ୟ ହରାଇ ଜଣେ ସାଇକେଲ ଆରୋହୀଙ୍କୁ ଧକ୍କା ଦେଇଥିଲା। ଫଳରେ ବାଇକ ଆରୋହୀ ରାଉରକେଲା ଲାଲଟୁଙ୍ଗି ସାହିର ପ୍ରଦୀପ ସିଂ(୩୩) ଗୁରୁତର ଆହତ ହୋଇଛନ୍ତି। ସେହିପରି ସାଇକେଲ ଆରୋହୀ ପତୁକାସାହିର ପ୍ରଧାନ ସିଂ(୫୫)ଗୁରୁତର ଆହତ ହୋଇ ବଡସାହି ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଉଭୟଙ୍କ ମୁଣ୍ଡ ଓ ଗୋଡରେ ଶକ୍ତ ଆଘାତ ଲାଗିଥିବାରୁ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସେହିପରି ଭୋଲଗଡିଆ ଗ୍ରାମର ରିନ୍ଦି ମୁର୍ମୁ(୩୮) ଦୁର୍ଘଟଣାରେ ଗୁରୁତର ହୋଇ ବଡସାହି ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି।

### ରୋଗୀ କଲ୍ୟାଣ ସମିତି ବୈଠକ

**କୁଆମରା, ୨୩।୨(ଡି.ଏନ.ଏ.):** ଗୋପବନ୍ଧୁ ନଗର ବ୍ଲକ ଅନ୍ତର୍ଗତ କୁଆମରା ଆଞ୍ଚଳିକ ଡାକ୍ତରଖାନାରେ ରୋଗୀ କଲ୍ୟାଣ ସମିତି ବୈଠକ ୧୫ନଂ ଜୋନ ଜିଲା ପରିଷଦ ସଦସ୍ୟ ନରେନ୍ଦ୍ର ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖୁଣ୍ଟା ମେଡିକାଲ ଅଫିସର ପରମଜିତ ମହାନ୍ତ, ବିପିଏମ ଅନୁଭବ ପଟ୍ଟନାୟକ, ଆକାଉଣ୍ଟ ଦେବାଶିଷ ପଣ୍ଡା, କୁଆମରା ଡାକ୍ତରଖାନାର ଡାକ୍ତର ଜ୍ୟୋତିକୃଷ୍ଣ କାଣ୍ଟ, ଫାର୍ମାସିଷ୍ଟ ପ୍ରତାପ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ସ୍ୱାସ୍ଥ୍ୟ ଭିତ୍ତିକ ଆଲୋଚନା କରିବା ସହ କେନ୍ଦ୍ର ସରକାରଙ୍କ ଯୋଜନାରେ ସପ୍ତାହର ତିନିଦିନ ଯୋଗଶିକ୍ଷା ସହ ବିଭିନ୍ନ ସଂକ୍ରାମକ ରୋଗର ଆଶୁ ଚିକିତ୍ସା ଚଳିତ ବର୍ଷ ଠାରୁ ଆରମ୍ଭ ହେବ ବୋଲି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛି। ଏହା ବ୍ୟତୀତ ମେଡିକାଲର ବିଭିନ୍ନ ଦିଗରେ ଉନ୍ନତି କରଣ ନିମନ୍ତେ ଆଲୋଚନା ହୋଇଥିଲା।

### ସ୍କାଉଟ୍ସ, ଗାଇଡ୍ସ ପ୍ରତିଷ୍ଠା ଦିବସ



**ଉଦଳା, ୨୩/୨ (ଡିଏନଏ):** ଉଦଳା ଦିବ୍ଯସିଂହପୁର ସେଣ୍ଟମେରୀ ପବ୍ଲିକ ସ୍କୁଲର ସ୍କାଉଟ୍ ଓ ଗାଇଡ୍ ପ୍ରତିଷ୍ଠା ଦିବସ ଏବଂ ବିଶ୍ୱ ଚିନ୍ତନ ଦିବସ ପାଳିତ ହୋଇଯାଇଛି। ଶନିବାର ସ୍କୁଲ ପରିସରରେ ଏକ ସଭାର ଆୟୋଜନ କରାଯାଇଥିଲା। ସ୍କାଉଟ୍ ଶିକ୍ଷକ ଜଗତାନନ୍ଦ ମହାପାତ୍ର ଓ ଗାଇଡ୍ କ୍ୟାପଟେନ୍ ସୁପ୍ରଭା ମାଳିନୀ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ସଭାରେ ବିଦ୍ୟାଳୟର ଶିକ୍ଷା ନିର୍ଦ୍ଦେଶକ ପ୍ରାଣକୃଷ୍ଣ ସାହୁ, ଅଧକ୍ଷ କୃତିବାସ ଦାସ ମଞ୍ଚାସୀନ ହୋଇ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳିତ ହେବା ସହିତ ନିଜର ଅନୁଶାସନ ଭିତରେ ରହି କାର୍ଯ୍ୟ କରିବା ଜରୁରୀ ବୋଲି ପରାମର୍ଶ ଦେଇଥିଲେ। ବେଡେନ ପାୱେଲଙ୍କ ମହତ ଉଦ୍ଦେଶ୍ୟକୁ ସଫଳ କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ଅଧକ୍ଷ ରଘୁନାଥ କର୍ମକାର, ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ।

# ଡାକିଲେ ଶୁଣନ୍ତି ହିଙ୍ଗୁଳା ମା’

**ବଡ଼ସାହି,୨୩।୨(ସ୍ୱ.ପ୍ର)**

ଉତ୍ତର ଓଡ଼ିଶାର ପ୍ରସିଦ୍ଧ ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ସୁହାଗପୁରା-ଚାନ୍ଦଡିହା ରାସ୍ତା ମଧ୍ୟଭାଗ ଶାଳ ଜଙ୍ଗଲ ପରିସରରେ ଶନିବାର ବାର୍ଷିକ ପୂଜା ଶାନ୍ତିଶୃଙ୍ଖଳା ସହିତ ଅନୁଷ୍ଠିତ ହୋଇଛି। ମୟୂରଭଞ୍ଜ ଜିଲା ସମେତ ପଡୋଶୀ ବାଲେଶ୍ୱର, ଭଦ୍ରକ, ଯାଜପୁର ଜିଲା ସହ ଝାଡ଼ଖଣ୍ଡ, ବିହାର, ପଶ୍ଚିମବଙ୍ଗ ଆଦି ରାଜ୍ୟରୁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ମା’ଙ୍କ ଦର୍ଶନ କରି ଅପାର କରୁଣା ଲାଭ କରିଛନ୍ତି। ଡାକିଲେ ଶୁଣନ୍ତି ହିଙ୍ଗୁଳା ମା’। ଆକସ୍ମିକ ଅଗ୍ନିକାଣ୍ଡ ଓ ଆସନ୍ନ ବିପଦରୁ ରକ୍ଷା କରନ୍ତି ଲୋକଙ୍କ ବିଶ୍ୱାସ ରହିଛି। ସେହି ଅନନ୍ୟ କରୁଣାର ମୃତ୍ୟୁ ସଞ୍ଜୀବନୀ, ଅଗ୍ନିରୂପିଣୀ ମା’ହିଙ୍ଗୁଳାଙ୍କୁ ବିଶ୍ୱାସ ରଖି ଭକ୍ତଙ୍କ ମାନସିକ ପୂରଣ ସହିତ ପରିବାରର ଶୁଭ ମନାସି ଘରୁ ଆଣିଥିବା ଭୋଗରାଗ ଅଗ୍ନିକୁଣ୍ଡରେ ସମର୍ପଣ କରିଛନ୍ତି। ମେଳାର ସୁପରିଚାଳନା ପାଇଁ ଚଳିତ ବର୍ଷ ୬ଲକ୍ଷରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଛି।

ହିଙ୍ଗୁଳା ଟ୍ରଷ୍ଟ ଓ ପ୍ରଶାସନର ମିଳିତ ସହଯୋଗରେ ଦୂରଦୂରାନ୍ତରୁ ଆସୁଥିବା ଭକ୍ତମାନଙ୍କର ଦିଅଁ ଦର୍ଶନ, ମାନସିକ ପୂଜା, ସଙ୍କଳ୍ପ, ମାନସିକ ମାଟି ଘୋଡା ସହିତ ବାଳପକା ମଣ୍ଡପ ଆଦି ସ୍ଥାନଗୁଡ଼ିକରେ ଶାନ୍ତି ଶୃଙ୍ଖଳାର ସହିତ ଅନୁଷ୍ଠିତ ହୋଇଛି। ସେଥିପାଇଁ ପ୍ରଶାସନ ପକ୍ଷରୁ ବ୍ୟାରିକେଡ ନିର୍ମାଣ କରାଯାଇଥିଲା। ମୁଖ୍ୟ ଦ୍ୱାରରୁ ଭକ୍ତମାନେ ବ୍ୟାରିକେଡରେ ଯାଇ ମା’ଙ୍କୁ କରଯୋଡି ମାନସିକ କରିବା ସହିତ ହାତକୁ ଟେକି ପରିବାରର ଶୁଭ ମନାସିଛନ୍ତି। ଶୁକ୍ରବାର ଭୋର ୫ଟାରେ ମା’ଙ୍କ ପହଡ଼ ଭଙ୍ଗା, ୫ଟା ୩୫ ମିନିଟରେ ମଙ୍ଗଳ ଆଳତି ହୋଇ ସାଧାରଣ ଦର୍ଶନ ଦିନତମାମ ଚାଲୁ ରହିଥିଲା। ଭିଡ଼କୁ ଆଖିରେ ରଖି ଚାନ୍ଦଡିହା ଓ ସୁହାଗପୁର ଛକ ପାଖରୁ ମେଳା ଭିତରକୁ ମୋଟରସାଇକେଲ, ଯାନବାହନ ପ୍ରବେଶ କରିବାକୁ ଦିଆଯାଇ ନ ଥିଲା। ସେହିପରି ପୀଠକୁ ସଂଯୋଗ କରୁଥିବା ବେତନଟୀ, ବୈଶିଙ୍ଗା, ଡୁକୁରା, ଖୁଣ୍ଟା, ଉଦଳା ଓ କୁଆମରା ରାସ୍ତାରେ ଯାତ୍ରୀବାହୀ ବସ, ସହସ୍ରାଧିକ ଅଟୋ ଓ ଚାରି ଚକିଆ ଯାନ ସାଙ୍ଗକୁ ଲମ୍ବା ଲାଇନରେ ଦୁଇ ଚକିଆ ଯାନ ଓ ସାଇକେଲରେ ଭକ୍ତଙ୍କ ସୁଅ ଛୁଟିଥିଲା। ନୈବେଦ୍ୟ ସହ ପୀଠରେ ପହଞ୍ଚି ସଙ୍କଳ୍ପ ପୂର୍ବକ ପୂଜା ପରେ ପରମ୍ପରା ଅନୁଯାୟୀ ନଡିଆ, କଦଳୀ, ଫଳମୂଳ, ଧୂପ, ଗୁଆ, ସିନ୍ଦୂର, ଘିଅ, ସଳିତା ଓ ନିଜ ଚାଳ ଘରର କୁଟା, ବାଉଁଶ ପ୍ରଥାନୁଯାୟୀ ସ୍ୱତନ୍ତ୍ର ଯଜ୍ଞ କୁଣ୍ଡରେ ସମର୍ପଣ କରିଛନ୍ତି। ସେହିପରି ମାନସିକ ମାଟି ଘୋଡା, ବସ୍ତ୍ର, ଅଳଙ୍କାର ବିପୁଳ ପରିମାଣରେ ମା’ଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି। ପୀଠରେ ଥିବା ସାହାଡ଼ା ବୃକ୍ଷରେ ଲକ୍ଷାଧିକ ଭକ୍ତ ସେମାନଙ୍କ ମାନସିକ ବ୍ରତ ବାନ୍ଧିଛନ୍ତି। ବଳି ପ୍ରଥା ନ ଥିଲେ ହେଁ ଅନେକ ଭକ୍ତ ସେମାନଙ୍କର ମାନସିକ ପାରା, କୁକୁଡ଼ା ଓ ବୋଦା ସମର୍ପଣ କରିଛନ୍ତି। ସେହିପରି ଛୋଟରୁ ବଡ଼ ଯାଏଁ ଭକ୍ତ ପୀଠରେ ମାନସିକ ବାଳ ପକାଇଛନ୍ତି। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ବେତନଟୀ ଉପଖଣ୍ଡ ପୋଲିସ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ସେଠୀ ଓ ବଡ଼ସାହି ଓଆଇସି ଜୟନାରାୟଣ ଖଣ୍ଡାଇଙ୍କ ସମେତ ୨ଜଣ ଇନ୍ସପେକ୍ଟର, ୫ ସବଇନ୍ସପେକ୍ଟର, ୧୫ ଏଏସ୍ଆଇ, ୫ ହାବିଲଦାରଙ୍କ ସମେତ ୩୦ ପୋଲିସ ଅଫିସର, ୫ପ୍ଲାଟୁନ୍ ପୋଲିସ ଫୋର୍ସ ଓ ହୋମଗାର୍ଡ ଶାନ୍ତିଶୃଙ୍ଖଳା ରକ୍ଷା କରିଛନ୍ତି। ବିଭିନ୍ନ ସ୍ଥାନରେ ଯାନବାହନ ପାର୍କିଂ ବ୍ୟବସ୍ଥା କରାଯାଇଥିଲା। ଜିଲା ଲୋକ ସମ୍ପର୍କ ଓ ସୂଚନା ଅଧିକାର କାର୍ଯ୍ୟାଳୟ ଓ ବଡ଼ସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ମେଳାରେ ଅସ୍ଥାୟୀ କେନ୍ଦ୍ର ଓ ଆଶୁ ଚିକିତ୍ସା ଶିବିର ମଧ୍ୟ ଖୋଲାଯାଇଛି। ଯଜ୍ଞକୁଣ୍ଡରେ ପ୍ରଦୂଷିତ ସାମଗ୍ରୀ ଯଥା ପଲିଥିନ, କାଗଜ, ପ୍ଲାଷ୍ଟିକ ଓ ଅନ୍ୟାନ ଦ୍ରବ୍ୟ ନିକ୍ଷେପକୁ ରୋକିଛନ୍ତି। ବଡ଼ସାହି ବଣିକ ସଂଘ ପକ୍ଷରୁ ବଜାର ଚତୁଃପାର୍ଶ୍ୱ ରାସ୍ତାରେ ପାଣି ସିଞ୍ଚନ କରିଛନ୍ତି। ଟ୍ରଷ୍ଟର ମୁଖ୍ୟ ସୁନୀଲ ଦାଶ ମେଳାରେ ବହୁ ଲୋକଙ୍କ ସମାଗମ ହୋଇଥିବା ପ୍ରକାଶ କରିଥିବା ବେଳେ ଶାନ୍ତିଶୃଙ୍ଖଳାର ସହିତ ମେଳା ସମ୍ପନ୍ନ ସାଙ୍ଗକୁ ପ୍ରଶାସନ ଓ ସମସ୍ତଙ୍କର ସହଯୋଗ ମିଳିଥିବାରୁ କୃତଜ୍ଞତା ଜ୍ଞାପନ କରିଛନ୍ତି।



ଯଜ୍ଞକୁଣ୍ଡରେ ନୈବେଦ୍ୟ ସମର୍ପଣ।

- ମାନସିକ କଲେ ୬ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ
- ସାହାଡ଼ା ବୃକ୍ଷରେ ବାନ୍ଧିଲେ ବ୍ରତ



ହିଙ୍ଗୁଳା ମା’।

## ସେଲ୍ଫି କର୍ଣ୍ଣର



ବାବୁ



ଅଶୋକ

**ସେଲ୍ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | balasoreselfie@gmail.com (ନିର୍ବାଚିତ ସେଲ୍ଫି ପ୍ରକାଶ ପାଇବ)

## ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟରେ ‘ଟିଚ୍ ମୟୂରଭଞ୍ଜ’ ଆରମ୍ଭ

# ପ୍ରଥମ ପର୍ଯ୍ୟାୟରେ ୬ ବ୍ଲକର ୬୯ ସ୍କୁଲ ଅନ୍ତର୍ଭୁକ୍ତ



କାର୍ଯ୍ୟକ୍ରମରେ ଉପସ୍ଥିତ ଶିକ୍ଷାବିତମାନେ।

**ବାରିପଦା ଅଫିସ,୨୩।୨**

ବାରିପଦା ତକତପୁରସ୍ଥିତ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ପରିସରରେ ଶିକ୍ଷା ବିଭାଗ ଆନୁକୂଲ୍ୟରେ ‘ଟିଚ୍ ମୟୂରଭଞ୍ଜ’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଦୀପ କୁମାର ଚାନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଶିକ୍ଷା ଅନୁଷ୍ଠାନର ଅଧକ୍ଷ ପ୍ରଫେସର ପ୍ରକାଶ ଚନ୍ଦ୍ର ଅଗ୍ରୱାଲ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ମୟୂରଭଞ୍ଜ ଜିଲା ଶିକ୍ଷା ଅଧିକାରୀ ଧ୍ରୁବଚରଣ ବେହେରା, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦ ଅଧକ୍ଷା ସୁସ୍ମିତା କର, ଶିକ୍ଷା ବିଭାଗର ମୁଖ୍ୟ ପ୍ରଫେସର ସମୀର କୁମାର ଲେଙ୍କା, କାର୍ଯ୍ୟକ୍ରମର ସଂଯୋଜକ ଡ.ରମେଶ କୁମାର ପରୁଆ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଶିକ୍ଷା ବିଭାଗର ମୁଖ୍ୟ ପ୍ରଫେସର ସମୀର କୁମାର ଲେଙ୍କା କାର୍ଯ୍ୟକ୍ରମର ଲକ୍ଷ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ହେଉଛି ଶିକ୍ଷା ବିଭାଗର ଛାତ୍ରୀଛାତ୍ରଙ୍କୁ ଶିକ୍ଷକ ପ୍ରଶିକ୍ଷଣ ପାଇଁ ଅଧିକରୁ ଅଧିକ ସୁଯୋଗ ଦେବା। ଦ୍ୱିତୀୟ ପର୍ଯ୍ୟାୟରେ ଶିକ୍ଷାର ଗୁଣାବତ୍ତା କିପରି ହ୍ରାସ ପାଉଛି ତାକୁ ଭିତ୍ତିକରି ବିଭାଗର ଛାତ୍ରୀଛାତ୍ରମାନେ ଏକ ନାଟକ ପରିବେଷଣ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ମୟୂରଭଞ୍ଜ ଜିଲାର ଛଅଟି ବ୍ଲକ ମୋରଡା,ବଡ଼ସାହି, ଗୋପବନ୍ଧୁନଗର, ଖୁଣ୍ଟା, ଶାମାଖୁଣ୍ଟା, କୁଳିଅଣା ଓ ବାରିପଦା ପୌରପରିଷଦକୁ ନେଇ ସର୍ବମୋଟ ୬୯ଟି ସ୍କୁଲକୁ ଅନ୍ତର୍ଭୁକ୍ତ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସମେତ ମୟୂରଭଞ୍ଜ ଜିଲା ପ୍ରଶାସନ ଓ ଜିଲା ଶିକ୍ଷା ଅଧିକାରୀ ଅନୁମୋଦନ କ୍ରମେ ଆରମ୍ଭ କରାଯାଇଛି।

## ଶହୀଦଙ୍କ ସ୍ମୃତିରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ବେଲାକୁଟି ଦଳ ଚାମ୍ପିୟନ

**ଖୁଣ୍ଟା, ୨୩।୨(ଡି.ଏନ.ଏ.)**

ଗୋପବନ୍ଧୁ ନଗର ବ୍ଲକ ଅଧୀନ ବଡ଼ଖୁଣ୍ଟା ବଉଳ ପଡିଆଠାରେ ବଡ଼ଖୁଣ୍ଟା କ୍ରିକେଟ କ୍ଲବ ପକ୍ଷରୁ ପୁଲୱାମାରେ ଶହୀଦ ହୋଇଥିବା ବୀର ଯବାନଙ୍କ ସ୍ମୃତିରେ ଏକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇ ଶୁକ୍ରବାର ଉଦ୍ଯାପିତ ହୋଇଛି। ୧୮ ତାରିଖରୁ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟରେ ୧୬ ଗୋଟି ଦଳ ଅଂଶ ଗ୍ରହଣ କରିଥିଲା। ଶେଷ ଦିନରେ ବେଲାକୁଟିର ରିଙ୍କନ ଇଲେଭେନ ଓ ଗୁଣ୍ଡିହୁଡ଼ିର ସିଲୁ ଇଲେଭେନ ଦଳ ମଧ୍ୟରେ ଫାଇନାଲ ଖେଳ ହୋଇଥିଲା। ପ୍ରଥମେ ଗୁଣ୍ଡିହୁଡ଼ି ଦଳ ବ୍ୟାଟିଂ ଆରମ୍ଭ କରି ସମସ୍ତ ୧୦ ଓଭର ବଲ ଖେଳି ୭୬ ରନ ସଂଗ୍ରହ କରିଥିଲା। ପରେ ବେଲାକୁଟି ଦଳ ୭୭ ରନ କରିଥିବା ବେଳେ ୫.୫ ଓଭର ବଲ ଖେଳି ମାତ୍ର ୩ ଉଇକେଟ ବିନିମୟରେ ଚାମ୍ପିୟନ ହୋଇଥିଲା। ମୁଖ୍ୟଅତିଥି ଭାବେ ଓଡ଼ିଶା ଅର୍ଥସେବା ବିଭାଗର ଅବସରପ୍ରାପ୍ତ ଅଧିକାରୀ ଭାସ୍କର ବିଶ୍ୱାଳ, ପୂର୍ବତନ ସାମରିକ କର୍ମଚାରୀ ଶଶିଧର ମହାନ୍ତି, ଯୁବ ବିଜେଡି ସଭାପତି ରଞ୍ଜନ ମହାନ୍ତି, ଛାତ୍ର ସଭାପତି ବିବେକାନନ୍ଦ କମିଲା ପ୍ରମୁଖ ଯୋଗ ଦେଇ ଦଳକୁ ପୁରସ୍କୃତ କରିଥିଲେ।

# ବିଦ୍ୟୁତ୍ ସେବା ପାଇବାକୁ ଗ୍ରାମବାସୀଙ୍କ ରାସ୍ତାରୋକୋ

**କପ୍ତିପଦା,୨୩।୨(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍ ଅଧୀନ ମଝିଗଡ଼ିଆ ପଞ୍ଚାୟତ ଦାମାସାହି ଓ ମାକୁରାସାହି ଗ୍ରାମବାସୀ ଦୀର୍ଘ ୩ ବର୍ଷ ହେବ ବିଦ୍ୟୁତ୍‌ସେବା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏହାର ପ୍ରତିବାଦରେ ସେମାନେ ଅଖିଳ ଗଣତାନ୍ତ୍ରିକ ମହିଳା ସଙ୍ଗଠନ ସହାୟତାରେ ଶନିବାର କପ୍ତିପଦା-ଶରତ ମୁଖ୍ୟରାସ୍ତାର ଭରଡ଼ାଛକଠାରେ ପ୍ରତିବାଦ କରିବା ସହିତ ରାସ୍ତା ଅବରୋଧ କରିଛନ୍ତି। ଫଳରେ କପ୍ତିପଦାରୁ ଶରତ, ଠାକୁରମୁଣ୍ଡା, କରଞ୍ଜିଆ, କେନ୍ଦୁଝର, ଔପଦା, ସୋର, କୁପାରୀ, ଯିବାକୁ ଥିବା ଯାତ୍ରୀବାହୀ ସହିତ ଅନ୍ୟାନ୍ୟ ୪ଚକିଆ ଯାନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଯାହାଫଳରେ ସାଧାରଣ ଜୀବନଯାତ୍ରା ସମ୍ପୂର୍ଣ୍ଣ ବ୍ୟାହତ ହୋଇଥିଲା। ଖବର ପାଇ ନେସ୍କୋର ନିର୍ବାହୀ ଯନ୍ତ୍ରୀ ତ୍ରିଭୁବନ ଦାସ, ଓପିଟିସିଏଲ୍‌ର ପ୍ରୋଜେକ୍ଟ ମ୍ୟାନେଜର ଭେଙ୍କଟରମଣ ଆଚାର୍ଯ୍ୟ, ଆସିଷ୍ଟାଣ୍ଟ ମ୍ୟାନେଜର ରବିଜିତ୍ ଆଚାର୍ଯ୍ୟ ଧାରଣାସ୍ଥଳକୁ ଆସି ବିଦ୍ୟୁତ କାର୍ଯ୍ୟ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଉକ୍ତ ଦୁଇଟି ଗ୍ରାମର ୧୫୦ରୁ ଊର୍ଦ୍ଧ୍ୱ ଜନସାଧାରଣ ବସବାସ କରୁଥିଲେ ବିଜୁଳି ଆଲୁଅ ସେମାନଙ୍କ ନିକଟରେ ସାତସପନ ପାଲଟିଥିଲା। ବହୁ ଦାବି ପରେ ୩ବର୍ଷ ହେଲା ଉକ୍ତ ଗ୍ରାମରେ ବିଦ୍ୟୁତ ସଂଯୋଗ ପାଇଁ ବିଦ୍ୟୁତ ଖୁଣ୍ଟ ଓ ଅନ୍ୟାନ୍ୟ ସାମଗ୍ରୀ ଆସି ପଡ଼ିରହିଥିଲା। ମାତ୍ର ବିଦ୍ୟୁତ ସଂଯୋଗର କୌଣସି ଅଗ୍ରଗତି ଘଟିନଥିଲା। ମାତ୍ର ଟେଣ୍ଡର ନେଇଥିବା ଠିକାଦାର କିଛି ଖୁଣ୍ଟ ପୋତିଦେଇ ୨୦ଜଣ ହିତାଧିକାରୀଙ୍କ ଘରେ ମିଟର ଲଗାଇ ଦେଇ ଚୁପ୍ ହୋଇ ବସି ରହିଥିଲା। ଫଳରେ ଅଖିଳ ଭାରତୀୟ ଗଣତାନ୍ତ୍ରିକ ମହିଳା ସଂଗଠନର ସଂଯୋଜକ ମନମୋହନ ମିଶ୍ରଙ୍କ ନେତୃତ୍ୱରେ ଶନିବାର ଉକ୍ତ ଦୁଇ ଗ୍ରାମର ପୁରୁଷ ଓ ମହିଳା ଏହାର ପ୍ରତିବାଦରେ ଭରଡ଼ା ଛକଠାରେ ରାସ୍ତାରୋକ ଆନ୍ଦୋଳନ ଜାରି ରଖିଥିଲେ। ଏହି ଧାରଣାରେ ଗ୍ରାମର ସାରଥୀ ମହାକୁଡ଼, କବିତା ସିଂ, ନନ୍ଦିତା ନାଏକ, ସାକର ଟୁଡୁ, ନିଦ୍ରାବତୀ ବେହେରା ପ୍ରମୁଖ ନେତୃତ୍ୱ ନେଇଥିଲେ।

# ଦିନକୁ ୧୮ଘଣ୍ଟା ପାନୀୟଜଳ ଯୋଗାଣ ପାଇଁ ଦାବି

**ବାରିପଦା ଅଫିସ,୨୩।୨**

ମୟୂରଭଞ୍ଜ ଆଦିବାସୀ ଛାତ୍ର ସଙ୍ଗଠନ ମାସା ପକ୍ଷରୁ ଦିନକୁ ୧୮ ଘଣ୍ଟା ପାନୀୟ ଜଳ ଯୋଗାଇ ଦେବା ସହିତ ଫାଟି ଯାଇଥିବା ପାଇପକୁ ମରାମତି କରିବା ଦାବି ନେଇ ବାରିପଦାସ୍ଥିତ ଜନ ସ୍ୱାସ୍ଥ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଘେରାଉ କରି ଦାବିପତ୍ର ପ୍ରଦାନ କରାଯାଇଛି। ବାରିପଦା ପୌରପରିଷଦରେ ଥିବା ସମସ୍ତ ୱାର୍ଡ ସହିତ ବାରିପଦା ଜନସ୍ୱାସ୍ଥ୍ୟ ବିଭାଗ ଅଧୀନରେ ଥିବା ଉଦଳା, କରଞ୍ଜିଆ ଏନଏସି ଏବଂ ରାଇରଙ୍ଗପୁର ଏନଏସିରେ ଦିନକୁ ୧୮ଘଣ୍ଟା ପାନୀୟଜଳ ଯୋଗାଇ ଦେବା ପାଇଁ ସଙ୍ଗଠନ ପକ୍ଷରୁ ନିର୍ବାହୀ ଅଧିକାରୀଙ୍କ ପାଖରେ ଏହି ଦାବି ହୋଇଛି। ଏହି କାର୍ଯ୍ୟକ୍ରମରେ ମାସାର ରାଜ୍ୟ ସଭାପତି ସୁକୁଲାଲ ମାର୍ଣ୍ଡିଙ୍କ ନେତୃତ୍ୱରେ ଜିଲା ସଭାପତି ମୁକେଶ ମାର୍ଣ୍ଡି, ରାଜ୍ୟ ସମ୍ପାଦକ ଆଇଁଠୁ ଟୁଡୁ, ଉପସଭାପତି ଲକ୍ଷ୍ମୀକାନ୍ତ ବାସ୍କେ, ଦିନେଶ ମୁର୍ମୁ, ମଦନ ହାସଁଦା, ବିକାଶ ବେହେରା ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।



ମାସାର କର୍ମକର୍ତ୍ତାମାନେ ଦାବିପତ୍ର ପ୍ରଦାନ ଲାଗି ଯାଉଛନ୍ତି।

## ■ ବିଦ୍ୟୁତ୍ ସଂଯୋଗ ନ ହେବାରୁ ମିଳୁନି ପାଣି

# ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରିଲେ ମହିଳା

**ବାରିପଦା ଅଫିସ,୨୩।୨**

ବାରିପଦା ପୌରପରିଷଦ ଅଧୀନରେ ଥିବା ୫ଟି ୱାର୍ଡରେ ଦୀର୍ଘ ୧୪ମାସ ହେବ ପାଣି ପମ୍ପ ହାଉସ ନିର୍ମାଣ ହୋଇଛି। ହେଲେ ଆଜି ପର୍ଯ୍ୟନ୍ତ ପାଣି ପମ୍ପକୁ ବିଦ୍ୟୁତ ସଂଯୋଗ କରାଯାଇ ନ ଥିବାରୁ ଲୋକମାନେ ପାଣି ପାଇଁ ତହଲ ବିକଳ ହେଉଛନ୍ତି। ଏହି ୱାର୍ଡରେ ବସବାସ କରୁଥିବା ପ୍ରାୟ ୧୦ହଜାର ଲୋକେ ପାଣି ପାଇଁ ହଇରାଣ ହେଉଛନ୍ତି। ପାଣି ପମ୍ପ ହାଉସରେ ତୁରନ୍ତ ବିଦୁତ୍ ସଂଯୋଗ କରିବା ଦାବି କରି ଉକ୍ତ ୫ଟି ୱାର୍ଡର ଶତାଧିକ ମହିଳାଙ୍କ ସମେତ ଅନ୍ୟମାନେ ଶନିବାର ବିଦୁତ୍ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଘେରାଉ କରିଛନ୍ତି। ଏହା ସହିତ ଦାବି ପୂରଣ ନ ହେଲେ ରାସ୍ତାରୋକୋ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ସୂଚନା ଅନୁସାରେ ବାରିପଦା ପୌରପରିଷଦ ଅଧୀନରେ ଥିବା ୫ଟି ୱାର୍ଡ ଯଥା ୧୫, ୨୩, ୨୫, ୨୭ ଏବଂ ୨୮ନମ୍ବର ୱାର୍ଡରେ ପାଖା ପାଖି ୧୦ହଜାରରୁ ଅଧିକ ଲୋକେ ବସବାସ କରନ୍ତି। ତେବେ ଗ୍ରାମର ସରୋଜ କୁମାର ମହାପାତ୍ର, ଜୟନ୍ତୀ ଦାସ, ରଶ୍ମିତା କବାଟ, ସୁକୁମାରୀ ପାତ୍ର, ଶାନ୍ତିଲତା ବେହେରା, କ୍ରୀଷ୍ଣା ମାଝୀ ପ୍ରମୁଖଙ୍କ ଅଭିଯୋଗ ଅନୁସାରେ ଏହି ସମସ୍ତ ଗ୍ରାମରେ ବସବାସ କରୁଥିବା ଲୋକମାନଙ୍କୁ ପାଣି ଯୋଗାଇ ଦେବା ଲାଗି ପମ୍ପ ହାଉସ ନିର୍ମାଣ କରାଯାଇଥିଲା। ଏଥିପାଇଁ ବିଦ୍ୟୁତ୍ ବିଭାଗ ପକ୍ଷରୁ ଇଲେକ୍ଟ୍ରି ଫିକେଶନ ମଧ୍ୟ କରାଯାଇଛି। ହେଲେ ପମ୍ପ ହାଉସକୁ ବିଦ୍ୟୁତ୍ ଚାର୍ଜ କରାନଯିବା ଫଳରେ ସେଠାକାର ଅଧିବାସୀମାନେ ପାଣି ପାଉ ନାହାନ୍ତି।

ଆଗକୁ ଖରାଦିନ ଆସୁଥିବାରୁ କୂଅ, ଟ୍ୟୁବୱେଲ, ପୋଖରୀ ପାଣି ଶୁଖିଯିବାର ସମ୍ଭାବନା ରହିଛି। ଏଣୁ ସେମାନଙ୍କୁ ପାଣି ଯୋଗାଣ ନ କରାଯିବା ପର୍ଯ୍ୟନ୍ତ ସେମାନେ ଏହି ଆନ୍ଦୋଳନ ଜାରି ରଖିବେ ବୋଲି କହିଛନ୍ତି। ଏନେଇ ବିଦୁତ୍ ବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସିଦ୍ଧାର୍ଥ ଶଙ୍କର ରଏଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି, ପିଏଚଡି ବିଭାଗ ପକ୍ଷରୁ ଗତ ୫ଦିନ ହେବ ଫାଇଲ ପ୍ରଦାନ କରାଯାଇଛି। ତେବେ ସମସ୍ତ ସମୀକ୍ଷା କରାଯିବା ପରେ ସେମାନଙ୍କ ପାଣି ପମ୍ପ ହାଉସକୁ ବିଦୁତ୍ ସଂଯୋଗ କରାଯିବ। ପିଏଚଡି ବିଭାଗ ଏହି ଫାଇଲ ବିଳମ୍ବରେ ଦେବାରୁ ସେମାନଙ୍କୁ ପାଣି ଯୋଗାଇବାରେ ବିଳମ୍ବ ହୋଇଛି। ତେବେ ତୁରନ୍ତ ସେଠାରେ ବିଦୁତ୍ ଚାର୍ଜ କରାଯିବ ବୋଲି ସେ କହିଛନ୍ତି।



ବିଦ୍ୟୁତ୍ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଘେରାଉ କରିଛନ୍ତି।

# ୨ରେ ମୁଖ୍ୟମନ୍ତ୍ରୀଙ୍କ ଚାନ୍ଦବାଲି ଗସ୍ତ

**ଚାନ୍ଦବାଲି,୨୩।୨(ଡି.ଏନ.ଏ.)**

ଆସନ୍ତା ମାର୍ଚ୍ଚ ୨ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚାନ୍ଦବାଲି ନିର୍ବାଚନ ମଣ୍ଡଳୀ ଗସ୍ତ କରିବେ। ଏଥିନେଇ କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇଛି। ଶନିବାର ଜିଲା ପୋଲିସ ଓ ପ୍ରଶାସନିକ ଅଧିକାରୀ କ୍ଷେତ୍ର ଅନୁଧ୍ୟାନ କରିଛନ୍ତି। ସେମାନେ ଚାନ୍ଦବାଲିରେ ହେଲିପ୍ୟାଡ ଓ ଦୁର୍ଗାପଡ଼ିଆ ଆଦି ଅଞ୍ଚଳ ବୁଲି ଦେଖିଛନ୍ତି। ସୂଚନା ଅନୁସାରେ, ମୁଖ୍ୟମନ୍ତ୍ରୀ ଚାନ୍ଦବାଲି ଗସ୍ତ ଅବସରରେ ପାଇକିରାପୁରଠାରେ ୧୩୨/୩୩ କେଭି ବିଦ୍ୟୁତ୍ ଗ୍ରୀଡ, ଭଦ୍ରକ-ଚାନ୍ଦବାଲି ରାସ୍ତାର ଉଦ୍‌ଘାଟନ ସହିତ ଜାମୁଝାଡ଼ି-ଧାମରା ରାସ୍ତା, ମେଗା ପାନୀୟ ଜଳ ଆଦି ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି। ଏହାପରେ ଚାନ୍ଦବାଲି ଦୁର୍ଗାପଡ଼ିଆରେ ଏକ ସାଧାରଣ ସଭାରେ ମୁଖ୍ୟମନ୍ତ୍ରୀ ଯୋଗଦେବେ। ମୁଖ୍ୟମନ୍ତ୍ରୀ ହେଲିକେପ୍ଟର



ଚାନ୍ଦବାଲିରେ କ୍ଷେତ୍ର ଅନୁଧ୍ୟାନ ବେଳେ ଜିଲାପାଳ ଓ ଅନ୍ୟମାନେ।

**କ୍ଷେତ୍ର ଅନୁଧ୍ୟାନ କଲେ ପ୍ରଶାସନିକ ଅଧିକାରୀ**

ଯୋଗେ ଆସି ଦୁର୍ଗାପଡ଼ିଆରେ ଗୋଟିଏ ସ୍ଥାନରେ ପ୍ରାୟ ୧୪ ଶହ କୋଟି ଟଙ୍କାର ୨୪ଟି ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ। ଏଥିରେ ଚାନ୍ଦବାଲି ନିର୍ବାଚନ ମଣ୍ଡଳୀ ବ୍ୟତୀତ ଭଦ୍ରକ ଜିଲାର କେତେକ ପ୍ରକଳ୍ପ ମଧ୍ୟ ରହିଛି। କ୍ଷେତ୍ର ଅନୁଧ୍ୟାନ ବେଳେ ଜିଲାପାଳ ଜ୍ଞାନରଞ୍ଜନ ଦାଶ, ଏସ୍‌ପି ରାଜେଶ ପଣ୍ଡିତ, ବିଧାୟକ ବ୍ୟୋମକେଶ ରାୟ ଓ ମୁକ୍ତିକାନ୍ତ ମଣ୍ଡଳ, ଜିଲାପରିଷଦ ଅଧ୍ୟକ୍ଷ ଦ୍ୱିଜବର ରାଉତଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।



ସରପଦା ଜଗନ୍ନାଥ ମନ୍ଦିରରେ ତିନି ଠାକୁରଙ୍କ ନୂତନ ବିଗ୍ରହ।

## ପ୍ରତିଷ୍ଠା ହେଲା ଶ୍ରୀଜଗନ୍ନାଥଙ୍କ ଦାରୁଦିଅଁ

**ଭଣ୍ଡାରିପୋଖରୀ, ୨୩।୨ (ଡି.ଏନ.ଏ.)**

ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ରାମଚନ୍ଦ୍ରପୁର ପଞ୍ଚାୟତ ସରପଦା ଗ୍ରାମଠାରେ ଥିବା ଜଗନ୍ନାଥ ମନ୍ଦିରର ଦାରୁ ବିଗ୍ରହ ଧନୁସଂକ୍ରାନ୍ତି ଦିନ ଆକସ୍ମିକ ନିଆଁ ଲାଗି ପୋଡ଼ି ଯାଇଥିଲେ। ଏହି ଘଟଣାରେ ଆଖପାଖ ୫ଖଣ୍ଡ ଗ୍ରାମବାସୀ ଉପବାସ ରହିଥିଲେ। ସେମାନେ ମୁକ୍ତି ମଣ୍ଡପ ଯାଇ ପଣ୍ଡିତଙ୍କ ପରାମର୍ଶ କ୍ରମେ ସେଠାରୁ ଆଜ୍ଞାମାଳ ଆଣି ଶ୍ରୀବଳଭଦ୍ର, ଶ୍ରୀଜଗନ୍ନାଥ ଓ ସୁଭଦ୍ରାଙ୍କ ବିଗ୍ରହ ତିଆରି କରାଯାଇ ଗତ ଗୁରୁବାର ପ୍ରତିଷ୍ଠା ହୋଇଛି। ଏଥିପାଇଁ ୩ ଦିନ ଧରି ଅଙ୍କୁରାରୋପଣ, ଗର୍ଭାଧାନ, ତିନିମୂର୍ତ୍ତି ସିଂହାସନ ଆରୋହଣ ସହିତ ନାମ ସଂକୀର୍ତ୍ତନ, ଯଜ୍ଞ ଓ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂଜକ ସୂର୍ଯ୍ୟମଣି ପଣ୍ଡାଙ୍କ ନେତୃତ୍ୱରେ ଅଭିମନ୍ୟୁ ରାଉତ ଓ ପୁଷ୍ପଲତା ରାଉତ ଜଳ ଘଟ ଉତ୍ତୋଳନ କରିଥିଲେ। ପୁରୀରୁ ଆସିଥିବା ପଣ୍ଡିତ ଶାନ୍ତିସ୍ୱରୂପ ଦାସ, ରିଙ୍କୁନାଥ ଷଡ଼ଙ୍ଗୀ ଓ ସାଥୀ ବ୍ରଜବାହୁ ପଣ୍ଡା ପୂଜା କାର୍ଯ୍ୟରେ ସାମିଲ ଥିଲେ। ଦାରୁଦିଅଁ ପ୍ରତିଷ୍ଠା ଉତ୍ସବରେ ସ୍ଥାନୀୟ ବିଡିଓ ବନମାଳୀ ତରାଇ, ଅନନ୍ତ ପ୍ରସାଦ ସେଠୀ, ବିଜୟ କୁମାର ସ୍ୱାଇଁ, ପ୍ରଣିତକାନ୍ତ ସାମଲ, ବଦ୍ରିନାରାୟଣ ଧଳଙ୍କ ସମେତ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ଗ୍ରାମବାସୀ ଗଙ୍ଗାଧର ପଣ୍ଡା, ପ୍ରସନ୍ନ ରାଉତ, ଉଦକର ବେହୁରିଆ, ପ୍ରଭାତ ରାଉତ, ବାଇଧର ବେହୁରିଆ, ଉପେନ୍ଦ୍ର ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ୨୬ରେ ଭଦ୍ରକ-ଚାନ୍ଦବାଲି ରୁଟ୍‌ରେ ବସ୍ ଚଳାଚଳ ବନ୍ଦ

**ଭଦ୍ରକ ଅଫିସ, ୨୩।୨:** ଭଦ୍ରକ ବସ୍ ସିଣ୍ଡିକେଟ ପକ୍ଷରୁ ଆସନ୍ତା ୨୬ ତାରିଖରେ ଭଦ୍ରକ-ଚାନ୍ଦବାଲି ରୁଟ୍‌ରେ ଦିନିକିଆ ବସ୍ ଚଳାଚଳ ବନ୍ଦ ରଖିବାକୁ ଧାର୍ଯ୍ୟ ହୋଇଛି। ଏ ନେଇ ବସ୍ ସିଣ୍ଡିକେଟ ପକ୍ଷରୁ ଜିଲା ପ୍ରଶାସନ ଓ ଜିଲା ପୋଲିସ ମୁଖ୍ୟଙ୍କୁ ଅବଗତ କରାଯାଇଛି। ଏକ କଲେଜର ଛାତ୍ରୀଛାତ୍ର ହଇରାଣ କରୁଥିବାରୁ ଏଥିରେ ଅତିଷ୍ଠ ହୋଇ ଏଭଳି ପଦକ୍ଷେପ ନିଆଯାଉଥିବା କୁହାଯାଇଛି। ବସ୍‌ଗୁଡ଼ିକରେ କୌଣସି ରିହାତି ବ୍ୟବସ୍ଥା ନ ଥିବାବେଳେ ଛାତ୍ରୀମାନେ ଅଧା କିମ୍ବା ଅଧାରୁ କମ୍ ଭଡ଼ା ଦେଇ ଯାତାୟାତ କରିବାକୁ ଜିଦ୍ ଧରୁଛନ୍ତି। ଏପରିକି ସେମାନେ ବସ୍ ପରିଚାଳକଙ୍କ ସହ ଧସ୍ତାଧସ୍ତି କରିବାକୁ ପଛାଉ ନାହାନ୍ତି। ଏକା ସମୟରେ ଗୋଟିଏ ଗାଡ଼ିରେ ୨୫ରୁ ୩୦ଜଣ ଛାତ୍ରୀଛାତ୍ର ଯିବା ପାଇଁ ବାଧ କରୁଛନ୍ତି। ନ ହେଲେ ଅନ୍ୟ ଯାତ୍ରୀମାନଙ୍କୁ ଓହ୍ଲାଇ ଦେବାକୁ ଜୋର କରୁଛନ୍ତି। ନଚେତ୍ ଉକ୍ତ ରୁଟ୍‌ରେ ଗାଡ଼ି ଚଳାଚଳ କରିବାକୁ ଦେବୁ ନାହିଁ ଓ ଗାଡ଼ିକୁ ଟେକା ପଥର ଫିଙ୍ଗି ଅକାମୀ କରିଦେବାକୁ ଧମକ ଦେଉଛନ୍ତି। ଏଣୁ ଏଥିପ୍ରତି ପୋଲିସ ଓ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି କରି ଦିନିକିଆ ବସ୍ ଧର୍ମଘଟ କରାଯିବ। ଏହାପରେ ମଧ୍ୟ ସମାଧାନ ନ ହେଲେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଉକ୍ତ ରୁଟ୍‌ରେ ବସ୍ ଚଳାଚଳ ବନ୍ଦ କରିଦିଆଯିବ ବୋଲି ସିଣ୍ଡିକେଟ ପକ୍ଷରୁ ଏକ ପ୍ରେସ୍ ବିବୃତ୍ତିରେ ଦର୍ଶାଯାଇଛି।

### ‘ବିପର୍ଯ୍ୟୟ କ୍ଷୟକ୍ଷତି କମ୍ କରେ ପୂର୍ବ ପ୍ରସ୍ତୁତି’

**ପଦ୍ମପୁର, ୨୩।୨ (ଡି.ଏନ.ଏ.):** ବାସୁଦେବପୁର ବ୍ଲକ ସମ୍ମିଳନୀ କକ୍ଷରେ ବିଜୁ ଯୁବ ବାହିନୀ ସଦସ୍ୟଙ୍କୁ ନେଇ ଦକ୍ଷତା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ବୀରକିଶୋର ପାଣିଗ୍ରାହୀ ଶିବିରକୁ ଉଦ୍‌ଘାଟନ କରିଥିଲେ। ତାଲିମଦାତା କାଳୀପଦ ରାୟ ଓ ରମାକାନ୍ତ ଡାଙ୍ଗୁଆ ବିପର୍ଯ୍ୟୟର ପୂର୍ବ ପ୍ରସ୍ତୁତି, ବିପର୍ଯ୍ୟୟର ପ୍ରକାର, ଅନୁସନ୍ଧାନ ଓ ଉଦ୍ଧାର, ପ୍ରାଥମିକ ଚିକିତ୍ସା, ବିପର୍ଯ୍ୟୟ ପରିଚାଳନା, ଗୋଷ୍ଠୀସ୍ତରରେ ବିପର୍ଯ୍ୟୟର ପୂର୍ବ, ସେହି ସମୟରେ ଓ ପରେ ପରିଚାଳନା, ରିଲିଫ ସାମଗ୍ରୀର ସୁବଣ୍ଟନ ଆଦି ବିଷୟରେ ତାଲିମ ପ୍ରଦାନ କରିଥିଲେ। ବିପର୍ଯ୍ୟୟର ପୂର୍ବ ପ୍ରସ୍ତୁତି କ୍ଷୟକ୍ଷତି କମ୍ କରିଥାଏ ବୋଲି ତାଲିମଦାତା ପ୍ରକାଶ କରିଥିଲେ। ବିଭିନ୍ନ ପଞ୍ଚାୟତର ୨୭ ପ୍ରଶିକ୍ଷାର୍ଥୀ ଏଥିରେ ଅଂଶଗ୍ରହଣ କରିଥିଲେ। ବ୍ଲକ ସଂଯୋଜିକା ଅଙ୍କିତା ଜେନା ଓ ପଞ୍ଚାୟତ ଅଧିକାରୀ ଅଶୋକ ସାହୁ ଶିବିର ପରିଚାଳନା କରିଥିଲେ।

### ଛାତ୍ରୀଛାତ୍ରଙ୍କୁ ମାର୍ଗ ଦେଖାଏ ଶିକ୍ଷା

**ବାସୁଦେବପୁର, ୨୩।୨ (ଡି.ଏନ.ଏ.):** ବାସୁଦେବପୁର ପୌରପାଳିକା ଅଧୀନ ରାଧାବଲ୍ଲଭପୁର ସରକାରୀ ଉ.ପ୍ରା. ବିଦ୍ୟାଳୟର ବାର୍ଷିକ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଏମ୍‌ପିଙ୍କ ପ୍ରତିନିଧି ସୁରେଶ ଚନ୍ଦ୍ର ମହାନ୍ତି ଯୋଗଦେଇ ସଭାକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ର ଶୃଙ୍ଖଳିତ ହୋଇ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପାଦନ କରିବାକୁ ମୁଖ୍ୟଅତିଥି ଆହ୍ୱାନ ଜଣାଇବା ସହିତ ଶିକ୍ଷା ମାର୍ଗ ଦେଖାଇଥାଏ ବୋଲି ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ସୂର୍ଯ୍ୟମଣି ଶତପଥୀ ଓ ଅନ୍ୟତମ ଅତିଥି ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ରେଖା ପଟ୍ଟନାୟକ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ବେହେରା ସଭାରେ ପୌରୋହିତ୍ୟ କରିଥିଲେ। ଶିକ୍ଷକ ରମେଶ ମହାରଣା ଅତିଥି ପରିଚୟ ପ୍ରଦାନ କରିଥିଲେ। ଲାଲମୋହନ ମଣ୍ଡଳ, ସୁକାନ୍ତ ଦାସ, ରଘୁନାଥ ବାରିକ ପ୍ରମୁଖ ଶିକ୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

### ସିଦ୍ଧେଶ୍ୱର ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ଚାନ୍ଦବାଲି, ୨୩।୨ (ଡି.ଏନ.ଏ.):** ଚାନ୍ଦବାଲି ବ୍ଲକ କରଞ୍ଜମାଳରେ ବାବା ସିଦ୍ଧେଶ୍ୱର ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ୧୦୮ କଳସ ଶୋଭାଯାତ୍ରା, ରୁଦ୍ରାଭିଷେକ, ଯଜ୍ଞ, ଶିବ ପାର୍ବତୀ ବିବାହ ଓ ପ୍ରସାଦ ସେବନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସର୍ବେଶ୍ୱର ମଲିକ କର୍ତ୍ତା ଭାବେ ଯୋଗ ଦେଇଥିଲେ। କେଶବ ଚନ୍ଦ୍ର ନାୟକ, ନରହରି ମଲିକ, ପୂର୍ଣ୍ଣଚନ୍ଦ୍ର ମାଝି, ରମେଶ ନାୟକ, ଭରତ ଚନ୍ଦ୍ର ଦାସ, ହେମନ୍ତ ମାନ୍ନା, ପ୍ରମୋଦ ନାୟକ, ଉପେନ୍ଦ୍ର ବିନ୍ଧାଣୀ, ଗଙ୍ଗାଧର ବିନ୍ଧାଣୀ, ହୃଶୀକେଶ ମାଝି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଗବେଷଣା ପଦ୍ଧତି ଓ ପ୍ରସ୍ତୁତି ନେଇ ଆଲୋଚନା




ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।

**ଭଦ୍ରକ ଅଫିସ, ୨୩।୨**

ଭଦ୍ରକ ମହିଳା ମହାବିଦ୍ୟାଳୟରେ ଶିକ୍ଷା ବିଭାଗ ଆନୁକୂଲ୍ୟରେ ଶନିବାର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କଲେଜ ଅଧ୍ୟକ୍ଷ ତୀର୍ଥବାସୀ ଦାସ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସିମୁଳିଆ କଲେଜ ଶିକ୍ଷା ବିଭାଗ ମୁଖ୍ୟ ଡ. ଅନୀଲ କୁମାର ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ଗବେଷଣା ପଦ୍ଧତି ଓ ପ୍ରସ୍ତୁତି ସମ୍ପର୍କରେ ସନ୍ଦର୍ଭପାଠ କରିଥିଲେ। ଉପସ୍ଥିତ ଛାତ୍ରୀମାନଙ୍କୁ ପ୍ରୋଜେକ୍ଟର ମାଧ୍ୟମରେ ଗବେଷଣା କରିବା ପାଇଁ ଆବଶ୍ୟକ ପଦ୍ଧତି ସମ୍ପର୍କରେ ସେ ବୁଝାଇଥିଲେ। କଲେଜର ବିଭାଗୀୟ ମୁଖ୍ୟ ଡ. ଆଭାମୟୀ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଭାଗର ଅନ୍ୟତମ ଅଧ୍ୟାପିକା ଜ୍ୟୋସ୍ନାରାଣୀ ଲେଙ୍କା, ମମତା ପାଢ଼ୀ, ଡେମନଷ୍ଟ୍ରେଟର ସ୍ନିଗ୍ଧା ଖୁଣ୍ଟିଆ, ଅଧ୍ୟାପକ ମନୋଜ କୁମାର ସ୍ୱାଇଁ, ଅଧ୍ୟାପିକା ଅପରାଜିତା ମଲ୍ଲିକ, ଅଧ୍ୟାପକ ମନୋଜ କୁମାର ସାହୁ ଓ ବ୍ରହ୍ମାନନ୍ଦ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ବିଭାଗର ୩ୟ ବର୍ଷର ଛାତ୍ରୀ ମାନାକ୍ଷୀ, ବିଷ୍ଣୁପ୍ରିୟା, ଅର୍ଦ୍ଧରୂପା ଓ ଦେବଦର୍ଶନୀଙ୍କ ଦ୍ୱାରା ଲିଖିତ ସନ୍ଦର୍ଭ ପାଠ କରାଯାଇଥିଲା।

## ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ

**ଧାମନଗର, ୨୩।୨ (ଡି.ଏନ.ଏ.)**

ଧାମନଗର ବ୍ଲକ ଧୂଷୁରୀ ମାତୃଭାରତୀ ପରିସରରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରର ୮ମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ‘ଶ୍ରୀମାଙ୍କ ବାଲ୍ୟ ଜୀବନ ଓ ଶ୍ରୀଅରବିନ୍ଦ ପାଠଚକ୍ରର ବୃହତ୍ତର ଭୂମିକା’ ଶୀର୍ଷକରେ ଆଲୋଚନା ହୋଇଥିଲା। କୀର୍ତ୍ତନ ବିହାରୀ ବ୍ରହ୍ମ, ପ୍ରଦୀପ ଜେନା, ପଣ୍ଡିତ ନୃସିଂହ ଚରଣ ନାୟକ ଅଂଶଗ୍ରହଣ କରିଥିଲେ। ପାଠଚକ୍ର ପରିଚାଳିକା ମଧୁସ୍ମିତା ନାୟକଙ୍କ ସଂଯୋଜନାରେ ପ୍ରଫେସର ଡ. ଗୋଲକ ବିହାରୀ ସାହୁ ଉଦ୍‌ଘାଟନ କରିଥିଲେ। ଅଧ୍ୟାପକ ରବୀନ୍ଦ୍ର ବେହୁରିଆ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଅଧ୍ୟାପକ ପବିତ୍ର ପାଣିଗ୍ରାହୀ ଏବଂ ସମ୍ମାନିତ ଅତିଥି ଭାବେ କବି କିଶୋର ପାଣିଗ୍ରାହୀ, ଆଡଭୋକେଟ ଦେବାଶିଷ ସାମଲ ଯୋଗ ଦେଇଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସମ୍ପାଦକ ସୁଧୀର ନାୟକ ସ୍ୱାଗତ ଭାଷଣ ପ୍ରଦାନ ଓ ଉପସଭାପତି ବଳେଖ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲା ଚିକିତ୍ସାଳୟରେ ଖୋଲିଲା ମାଗଣା ସହାୟକେନ୍ଦ୍ର



ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଓ ଅନ୍ୟମାନଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରାଯାଉଛି।

**ଭଦ୍ରକ ଅଫିସ, ୨୩।୨**

ଭଦ୍ରକ ଜିଲା ଚିକିତ୍ସାଳୟ ପରିସରରେ ଶନିବାର ସହାୟ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ମନ୍ତ୍ରୀ ପ୍ରଫୁଲ୍ଲ କୁମାର ସାମଲ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପି ଅର୍ଜୁନ ଚରଣ ସେଠୀ, ଜିଲାପାଳ ଜ୍ଞାନରଞ୍ଜନ ଦାସ, ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଓ ଜିଲା ଚିକିତ୍ସାଧିକାରୀ ଡ. ମହମ୍ମଦ ଅବଦୁଲ ରଶିଦ ପ୍ରମୁଖ ଯୋଗ ଦେଇଥିଲେ। ଏହି ଯୋଜନା କାର୍ଯ୍ୟକାରୀ ହେବା ଦ୍ୱାରା ଦୈନିକ ୩ ଜଣ ରୋଗୀ କ୍ଷମତା ବିଶିଷ୍ଟ ନିଶୁଳ୍କ ଡାଇଲେସିସ ସେବା ପାଇବେ ବୋଲି କୁହାଯାଇଥିଲା। ଉଲ୍ଲେଖନୀୟ ଯେ, ଏଠାରେ ଏହି ସେବା ନ ଥିବା ଦ୍ୱାରା ରୋଗୀଙ୍କୁ ଭୁବନେଶ୍ୱର ଓ କଟକ ଯିବାକୁ ପଡୁଥିଲା। ଏବେ ଭଦ୍ରକ ଜିଲା ଚିକିତ୍ସାଳୟ ଉପରେ ନିର୍ଭର କରୁଥିବା ରୋଗୀମାନେ ଉପକୃତ ହେବେ।

## ୨୮ରେ ଭାଜପାର ଅଟଳ ସଂକଳ୍ପ ସମାବେଶ

**ଭଣ୍ଡାରିପୋଖରୀ, ୨୩।୨ (ଡି.ଏନ.ଏ.)**

ଭଣ୍ଡାରିପୋଖରୀ ବ୍ଲକ ବାରିକପୁରଠାରେ ଆସନ୍ତା ୨୮ ତାରିଖରେ ଭାଜପା ପକ୍ଷରୁ ଅଟଳ ସଂକଳ୍ପ ସମାବେଶ ଅନୁଷ୍ଠିତ ହେବ। ଏଥିରେ ଦଳର ରାଜ୍ୟ ପ୍ରଭାରୀ ତଥା କେନ୍ଦ୍ରୀୟ ନେତା ଅରୁଣ ସିଂହ ଓ ଅନ୍ୟ ବରିଷ୍ଠ ନେତୃବୃନ୍ଦ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏ ନେଇ ସ୍ଥାନୀୟ ଭାଜପା କାର୍ଯ୍ୟାଳୟଠାରେ ପ୍ରସ୍ତୁତି ଓ ଗୁରୁତ୍ୱପୂର୍ଣ୍ଣ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭଣ୍ଡାରିପୋଖରୀ ମଣ୍ଡଳ ଶାଖା ସଭାପତି ଜଗବନ୍ଧୁ ଦାସଙ୍କ ସଭାପତିତ୍ୱରେ ବ୍ଲକର ୩ ସାଂଗଠନିକ ମଣ୍ଡଳର ମିଳିତ ବୈଠକ ହୋଇଥିଲା। ଜିଲା ସଭାପତି ବଦ୍ରିନାରାୟଣ ଧଳ ଯୋଗଦେଇ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ଆଲୋଚନା କରିଥିଲେ। ଗତ ୧୨ରୁ ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ଚାଲୁଥିବା ମୋ ଘର ଭାଜପା ଘର,



ପ୍ରସ୍ତୁତି ବୈଠକରେ ଭାଜପା ନେତା ଓ କର୍ମୀ।

୨୪ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ୍, ୨୬ ତାରିଖରେ କମଳଜ୍ୟୋତି ସଂକଳ୍ପ, ୨୮ ତାରିଖ ୧୨ଟା ୩୦ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମୋ ବୁଥ୍ ସବୁଠୁ ମଜଭୁତ କାର୍ଯ୍ୟକ୍ରମରେ ଦଳୀୟ କର୍ମକର୍ତ୍ତାଙ୍କ ସହ ମତ ସମ୍ଭାଷଣ, ମାର୍ଚ୍ଚ ୨ ତାରିଖରେ ବାଇକ୍ ଶୋଭାଯାତ୍ରା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସୂର୍ଯ୍ୟମଣି ରାଉତ, ନିର୍ମଳ କର, ପ୍ରକାଶ ମହାପାତ୍ର, ପ୍ରଦୀପ ସାହୁ, ସତ୍ୟବ୍ରତ ଦାସ, ତପସ୍ୱିନୀ ମହାପାତ୍ର, ରୁକ୍ମଣୀ ଦାସ, ଅଜୟ ପାତ୍ର, କମଳ କୁମାର ନନ୍ଦ, ସୁଶାନ୍ତ ମହାପାତ୍ର ପ୍ରମୁଖ ମଣ୍ଡଳ ପଦାଧିକାରୀ, ପଞ୍ଚାୟତ ସଭାପତି ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଶ୍ରୀମାଙ୍କ ଜୟନ୍ତୀ

**ଧାମନଗର, ୨୩।୨ (ଡି.ଏନ.ଏ.)**

ଧାମନଗର ବ୍ଲକ ଅସୁରାଳିସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପକ୍ଷରୁ ଶ୍ରୀମାଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ମହେଶ୍ୱର ସାହୁ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହି ସ୍ୱାଗତ ଭାଷଣ ଦେଇଥିଲେ। ଅତିଥି ଭାବେ ଶିକ୍ଷାକେନ୍ଦ୍ର ସଭାପତି ମମତା ମଣ୍ଡଳ ଓ ସମ୍ପାଦକ ପ୍ରବୀଣ ବେହେରା ଯୋଗଦେଇ ଶ୍ରୀମାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ମାଧବ ଖଟୁଆ ଅତିଥି ପରିଚୟ ପ୍ରଦାନ ଏବଂ ରବୀନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ସମୀର ଜେନା, ତିଳୋତ୍ତମା ସାହୁ, ମଧୁସ୍ମିତା ବାରିକ, କଳ୍ପନା ପଣ୍ଡା, ଶର୍ମିଳା ବାରିକ, ବଳରାମ ନାୟକ ଓ ସୁମିତ୍ରା ହୋତା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଦେଶ ମେଳଣ ପାଇଁ ପ୍ରସ୍ତୁତି

**ଚାନ୍ଦବାଲି, ୨୩।୨ (ଡି.ଏନ.ଏ.)**

୨ ଶହ ବର୍ଷର ପୁରୁଣା ମତୋର ଦେଶ ମେଳଣ ପାଇଁ ପ୍ରସ୍ତୁତି ବୈଠକ କୁମୁଦ ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମେଳଣ କମିଟି ସଭ୍ୟ ଓ ସେବାୟତମାନେ ଉପସ୍ଥିତ ରହି ଚଳିତବର୍ଷ ମେଳଣ ପାଳନ ସମ୍ପର୍କରେ ଆଲୋଚନା କରିଥିଲେ। ଆସନ୍ତା ମାର୍ଚ୍ଚ ୨୦ ତାରିଖ ରାତିରୁ ଦେବତାମାନଙ୍କ ପହୁଆର ଆରମ୍ଭ ହୋଇ ୨୧ ତାରିଖ ସକାଳେ ମେଳଣ ପଡ଼ିଆରେ ସମସ୍ତେ ଏକତ୍ର ହେବେ। ଏହାର ସୁପରିଚାଳନା ଲାଗି ବୈଠକରେ ଉପସ୍ଥିତ ସମସ୍ତଙ୍କ ମତାମତ ଗ୍ରହଣ କରାଯାଥିଲା। ଗତବର୍ଷ ଆୟବ୍ୟୟର ସମୀକ୍ଷା କରାଯାଇଥିଲା। ମାର୍ଚ୍ଚ ୧ ତାରିଖ ସନ୍ଧ୍ୟାରେ ପୋଲିସ, ପ୍ରଶାସନ, ସେବାୟତ ଓ ମେଳଣ କମିଟି ସଭ୍ୟଙ୍କୁ ନେଇ ଅନ୍ୟ ଏକ ବୈଠକ ହେବାକୁ ନିଷ୍ପତ୍ତି ନିଆଯାଇଛି। କମିଟି ସମ୍ପାଦକ ଉମାକାନ୍ତ ସାମଲ, ପରିଚାଳକ ମୁରଲୀଧର ମହାନ୍ତି, ସଦାନନ୍ଦ ମହାନ୍ତି, ରବିନାରାୟଣ ପାଣିଗ୍ରାହୀ, ଭକ୍ତହରି ରଥ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ପ୍ରଦୀପ ପଲାଇ, ରାଜେଶ ସ୍ୱାଇଁ, ଅମୂଲ୍ୟ ନାୟକ, ସୁଦର୍ଶନ ନାୟକ, ରଞ୍ଜନ ସାମଲ, ସହଦେବ ସାହୁ ଓ ଶରତ ରାଉତ ପ୍ରମୁଖ ପ୍ରସ୍ତୁତି ବୈଠକରେ ଉପସ୍ଥିତ ଥିଲେ।

## ‘ଆଧୁନିକ ଭାରତରେ ଜାତୀୟତାବାଦ ଓ ସାମ୍ପ୍ରଦାୟିକତା’ ପାଠଚକ୍ର

**ଭଦ୍ରକ ଅଫିସ, ୨୩।୨**

ଚାନ୍ଦବାଲି ମହାବିଦ୍ୟାଳୟର ଇତିହାସ ବିଭାଗ ପକ୍ଷରୁ ‘ଆଧୁନିକ ଭାରତରେ ଜାତୀୟତାବାଦ ଓ ସାମ୍ପ୍ରଦାୟିକତା’ ଶୀର୍ଷକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଅଧ୍ୟକ୍ଷ ସୁବାସ ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ବିଶିଷ୍ଟ ଐତିହାସିକ ଅଶୋକ କୁମାର ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଧୁନିକ ଭାରତରେ ଜାତୀୟତାବାଦର ଆବଶ୍ୟକତା ଓ ସାମ୍ପ୍ରଦାୟିକ ସଦ୍‌ଭାବନା ପ୍ରତିଷ୍ଠା କରିବା ଯୁବପିଢ଼ିଙ୍କ ଗୁରୁଦାୟିତ୍ୱ ବୋଲି ବକ୍ତବ୍ୟ ରଖିଥିଲେ। ଭଦ୍ରକ ମହିଳା ମହାବିଦ୍ୟାଳୟର ଇତିହାସ ଅଧ୍ୟାପକ ମନୋଜ କୁମାର ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ସାମ୍ପ୍ରଦାୟିକ ସଦ୍‌ଭାବନା ସୃଷ୍ଟି କରିବା କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କ ଭୂମିକା ପ୍ରଶଂସନୀୟ ବୋଲି ମତ ରଖିଥିଲେ। ଅଧ୍ୟାପିକା ଅର୍ଚ୍ଚିତା ଦାସଙ୍କ ତତ୍ତ୍ୱାବଧାନରେ ଯୁକ୍ତ ୩ ପ୍ରଥମବର୍ଷ କଳା ଛାତ୍ରୀ ନିହାରିକା ଲେଙ୍କା ଓ ଛାତ୍ର ପ୍ରଦୀପ ସାହୁ ସନ୍ଦର୍ଭ ପାଠ କରିଥିଲେ। ସେମିନାର ସେକ୍ରେଟାରି ନିରଞ୍ଜନ ସାହୁ, ସହସେମିନାର ସେକ୍ରେଟାରି ପୁଷ୍ପଲତା ଭୋଇଙ୍କ ସହ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଅବସରପ୍ରାପ୍ତ ଅଧ୍ୟାପକ କୃଷ୍ଣଚନ୍ଦ୍ର ପଲାଇ, ଅଧ୍ୟାପିକା ରଞ୍ଜିତା ଲେଙ୍କା, ଜ୍ୟୋସ୍ନା ଦାସ, ଅଧ୍ୟାପକ ବିଚିତ୍ର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବନ୍ଧଟିଆରେ ଲକ୍ଷ୍ମୀନାରାୟଣ ପୂଜା

**ଧାମନଗର, ୨୩।୨ (ଡି.ଏନ.ଏ.)**

ଧାମନଗର ବ୍ଲକ ପୂର୍ବବନ୍ଧଟିଆ ଗ୍ରାମ କୋଠାର-ଧାମନଗର ମୁଖ୍ୟରାସ୍ତାର ଝାଟିଆସାହି ଛକରେ ଚାଲିଛି ଲକ୍ଷ୍ମୀନାରାୟଣ ପୂଜା। ଏହି ପୂଜା ଚଳିତବର୍ଷ ୫୦ ବର୍ଷରେ ପଦାର୍ପଣ କରିଛି। ମଣ୍ଡପରେ ମା’ ଲକ୍ଷ୍ମୀ ଏବଂ ନାରାୟଣଙ୍କ ମୂର୍ତ୍ତି ସହିତ ପାର୍ଶ୍ୱଦେବତା ପୂଜା ପାଉଛନ୍ତି। ଅଗ୍ନି ଉତ୍ସବରେ ମାଟି ଉଠାଯାଇ ୫ଦିନ ଧରି ଷୋଡ଼ଶ ଉପଚାର ପୂଜା ସହିତ ସନ୍ଧ୍ୟାରେ ଭଜନ ସମାରୋହ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ପୂଜା କମିଟି ସଭାପତି ରମେଶ ଚନ୍ଦ୍ର ଜେନା ଓ ନାରାୟଣ ବାରିକ ପ୍ରକାଶ କରିଛନ୍ତି। ଚଳିତବର୍ଷ ପୀଠ ପୂଜକ ସୁବ୍ରତ ପାଢ଼ୀଙ୍କ ତତ୍ତ୍ୱାବଧାନରେ ପୂଜା ଚାଲିଥିବା ବେଳେ କଳ୍ପନା ବେହେରା ଏବଂ ପଞ୍ଚାନନ



ମଣ୍ଡପରେ ପୂଜା ପାଉଛି ଲକ୍ଷ୍ମୀନାରାୟଣଙ୍କ ମୂର୍ତ୍ତି।

ବେହେରା କର୍ତ୍ତା ଭାବେ ସଂକଳ୍ପ କରୁଛନ୍ତି। ସ୍ଥାନୀୟ ଷୋଳଗାଁ, କମାରବନ୍ଧ, ବନସର, ବନ୍ଧଟିଆ ଗ୍ରାମବାସୀଙ୍କ ସହଯୋଗରେ ସାର୍ବଜନୀନ ପୂଜା ଅନୁଷ୍ଠିତ ହେଉଛି।

ଉଲ୍ଲେଖନୀୟ, ୫୦ ବର୍ଷ ତଳେ ଏହି ଅଞ୍ଚଳରେ କୌଣସି ସାର୍ବଜନୀନ ପୂଜା ନ ଥିବାରୁ ଅଗ୍ନି ଉତ୍ସବ ସମୟରେ ଉକ୍ତ ପୂଜାର ପରିକଳ୍ପନା କରାଯାଇଥିଲା ବୋଲି ଆୟୋଜକମାନେ ପ୍ରକାଶ କରିଛନ୍ତି। ନିକଟସ୍ଥ ବନ୍ଧଟିଆରେ ପ୍ରସିଦ୍ଧ ଗଣେଶ ପୂଜା ଏବଂ ମାର୍କିଡିଆରେ ଦୁର୍ଗାପୂଜା ହୋଇଆସୁଥିବା ବେଳେ କୃଷିରୁ ବିରତି ସମୟରେ ଏକ ପୂଜା ମାଧ୍ୟମରେ ମନୋରଞ୍ଜନ କରିବା ଏହି ପୂଜାର ଲକ୍ଷ୍ୟ ଥିଲା ବୋଲି ବରିଷ୍ଠ କର୍ମକର୍ତ୍ତା କହିଛନ୍ତି। ଦୀର୍ଘବର୍ଷ ଧରି ଝାଟିମାଟି ଘରେ ପୂଜା ହୋଇଆସୁଥିଲା। ଛୋଟରୁ ଆରମ୍ଭ କରି ବର୍ତ୍ତମାନ ଏହା ସାର୍ବଜନୀନ ପୂଜାରେ ପରିଣତ ହୋଇଛି।

## ଆଜି କ'ଣ କେଉଁଠି

- ଧରିତ୍ରୀ ଚିତ୍ରାଙ୍କନ ପ୍ରତିଯୋଗିତା। **ସ୍ଥାନ-** ପଞ୍ଚାୟତ ହାଇସ୍କୁଲ, ଶାସଙ୍ଗ ହାଟଡିହୀ, କେନ୍ଦୁଝର। **ସମୟ-** ପୂର୍ବାହ୍ନ ୧୦ ଘଟିକା।

## ସଂକ୍ଷେପରେ

### ଭୀମ ଭୋଇ ସାମର୍ଥ୍ୟ ଶିବିର

**ତେଲକୋଇ, ୨୩।୨(ଡି.ଏନ.ଏ.):** ତେଲକୋଇ ବ୍ଲକ ମୁଖ୍ୟାଳୟରେ ଶନିବାର ଭୀମଭୋଇ ସାମର୍ଥ୍ୟ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ସମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୩୬୨ ଭିନ୍ନକ୍ଷମ ସାମିଲ ହୋଇଥିଲେ। ଚିକିତ୍ସା ଓ ଆବଶ୍ୟକ ସାର୍ଟିଫିକେଟ ଦିଆଯାଇଥିଲା। କେନ୍ଦୁଝର ଜିଲାରୁ ବିଶେଷଜ୍ଞ ଡା. ସୁଧିର କୁମାର ମିଶ୍ର ଯୋଗ ଦେଇଥିଲେ। ଶିବିରକୁ ବିଡିଓ ଦିଲ୍ଲିପ କୁମାର ବାରା, ଡିଏସଏସଓ ଜୟକୃଷ୍ଣ ବାରିକ ସହାୟତା କରିଥିଲେ। ଭିନ୍ନକ୍ଷମ ଚିହ୍ନଟ ପରେ ସାର୍ଟିଫିକେଟ ସହ ଆଗାମୀ ଦିନରେ ଆବଶ୍ୟକ ଉପକରଣ ଯୋଗାଇ ଦିଆଯିବ ବୋଲି ବିଡିଓ ଦିଲ୍ଲିପ ସୂଚନା ଦେଇଛନ୍ତି।

### ମହାବିଦ୍ୟାଳୟରେ ସଚେତନତା କର୍ମଶାଳା

**ହାଟଡିହୀ, ୨୩।୨:** ହାଟଡିହୀ ସବ୍‌ଟ୍ରେଜେରି ତରଫରୁ ଇନ୍‌କମ ଟ୍ୟାକ୍ସ ଡିଡକ୍ସନ ସଚେତନତା କର୍ମଶାଳା ସ୍ଥାନୀୟ ଆଞ୍ଚଳିକ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସବ୍‌ଟ୍ରେଜେରି ଅଫିସର ବଳରାମ ଜେନା ସଭାପତିତ୍ୱ କରିଥିଲେ। ଇନ୍‌କମ୍ ଟ୍ୟାକ୍ସ ଆଡଭାଇଜର ଶୈଳେଶ ପଟ୍ଟନାୟକ ଟ୍ୟାକ୍ସ ଡିଡକ୍ସନର ବିଭିନ୍ନ ଦିଗ ସମ୍ପର୍କରେ ବୁଝାଇଥିଲେ। ହାଟଡିହୀ କଲେଜର ଅଧ୍ୟାପକଅଧ୍ୟାପିକା ସମେତ ପ୍ରାୟ ଶହେ ଜଣରୁ ଊର୍ଦ୍ଧ୍ୱ ସରକାରୀ କର୍ମଚାରୀ ଓ ପେନସନଧାରୀ ଉପସ୍ଥିତ ଥିଲେ। ସବ୍‌ଟ୍ରେଜେରି ବରିଷ୍ଠ କିରାଣି ବିନୟ ରଞ୍ଜନ ଦାସ ଓ ପିଅନ ଭାଗବତ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଡାକ୍ତର ଉଦୟନାଥଙ୍କ ପରଲୋକ

**କେନ୍ଦୁଝର, ୨୩।୨(ସ୍ୱ.ପ୍ର.):** କେନ୍ଦୁଝର ଜିଲାର ସୁନାମଧନ୍ୟ ଡାକ୍ତର ତଥା ବିଶିଷ୍ଟ ସମାଜସେବୀ ଉଦୟନାଥ ସାହୁଙ୍କ ହୃଦଘାତରେ ଶୁକ୍ରବାର ରାତିରେ ପରଲୋ ଘଟିଛି। ତାଙ୍କ ପରଲୋକରେ କେନ୍ଦୁଝରରେ ଶୋକର ଛାୟା ଖେଳି ଯାଇଛି। ତାଙ୍କ ବାସ ଭବନରେ ଶନିବାର ସକାଳେ ପ୍ରଶଂସକ, ସମ୍ପର୍କୀୟଙ୍କ ଭିଡ ହୋଇଥିଲା। ସେ ରୋଗୀଙ୍କ ସେବା କରି ସମସ୍ତଙ୍କ ପାଖରେ ପ୍ରିୟଭାଜନ ହୋଇପାରିଥିଲେ। ସାମାଜିକ କାର୍ଯ୍ୟରେ ସାମିଲ ହୋଇ ଉନ୍ନୟନ ମୂଳକ କାମରେ ନିୟୋଜିତ ଥିଲେ। ସେହିପରି ସେ କାଠର ମୂର୍ତ୍ତି ନିର୍ମାଣ କରି ନିଆରା ପରିଚିତ ସୃଷ୍ଟି କରିଥିଲେ। କେନ୍ଦୁଝରଗଡ ପୌରପାଳିକାର ନଗରପାଳ ଭାବରେ ନିର୍ବାଚିତ ହୋଇ ସହର ପାଇଁ ବହୁ ବିକାଶ ମୂଳକ କାମ କରିଥିଲେ। ତାଙ୍କ ମୃତଦେହକୁ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇଥିଲେ। ତାଙ୍କ ପରଲୋକରେ ପୂର୍ବତନ ମନ୍ତ୍ରୀ ତଥା ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପିସିସି ସମ୍ପାଦକ ସଂଗ୍ରାମ ଦାସ, ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି।

### ଚନ୍ଦ୍ରଶେଖର ମହାବିଦ୍ୟାଳୟ ବାର୍ଷିକୋତ୍ସବ

**ଚମ୍ପୁଆ, ୨୩।୨(ଡି.ଏନ.ଏ.):** ଚମ୍ପୁଆ ଚନ୍ଦ୍ରଶେଖର ମହାବିଦ୍ୟାଳୟର ୪୨ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଡ. ଅଜୟ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପାଟଣା ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧକ୍ଷ ହୃଷୀକେଶ ନାଏକ, ସମ୍ମାନିତ ଅତିଥି ଭାବେ କେନ୍ଦୁଝର ଏମ୍‌ପି ସକୁନ୍ତଳା ଲାଗୁରୀ, ପୂର୍ବତନ ଏମ୍‌ପି ଯୋଶବନ୍ତ ନାରାୟଣ ସିଂ ଲାଗୁରୀ, ମୁଖ୍ୟବକ୍ତା ଭାବେ ଝୁମ୍ପୁରା ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ସୁମନ୍ତ ଗିରି, ଉପଦେଷ୍ଟା ସ୍ୱାଧୀନ ସିଂ ପ୍ରମୁଖ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ପ୍ରତିଷ୍ଠାତାଙ୍କ ଆଶା ଅଙ୍କାକ୍ଷାକୁ ପୂରଣ କରି ସୁନାଗରିକ ସୃଷ୍ଟି କରୁଥିବା ଉକ୍ତ ଶିକ୍ଷା ମନ୍ଦିର ରୂପି ମହାବିଦ୍ୟାଳୟର ଗରିମା ବଜାଇ ରଖିବାକୁ ଆହ୍ୱାନ ଦିଆଯାଇଥିଲା। ଶିକ୍ଷାରେ ମନନିବେଶ କରି ଉତ୍ତମ ଛାତ୍ରୀଛାତ୍ର ଭାବେ ପରିଚୟ ସୃଷ୍ଟି କରିବା ଏବଂ ଆଗାମୀ ପିଢି ପାଇଁ ଉଦାହରଣ ହେବା ପାଇଁ ପରାର୍ମଶ ଦେଇଥିଲେ। ଉତ୍ସବକୁ ଅଧାପକ ଚମ୍ପକେଶ୍ୱର ମିଶ୍ର ଓ ଗିରିଜା ଶଂକର କର ପରିଚାଳନା କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ୨ ସୁଦ୍ଧା ଜରିମାନା ଅର୍ଥ ଦାଖଲ କର

**କେନ୍ଦୁଝର, ୨୩।୨(ସ୍ୱ.ପ୍ର.)**

- ଖିଲାପ କଲେ ୧୨ ପ୍ରତିଶତ ସୁଧ ଆଦାୟ ସହ ୱାରେଣ୍ଟ ଇସ୍ୟୁ ପାଇଁ ନିର୍ଦ୍ଦେଶ

ଖଣି ଅନିୟମିତତାରେ ଜରିମାନା ଖିଲାପି କରିଥିବା ସଂସ୍ଥା ବିରୋଧରେ କେନ୍ଦୁଝର ଜିଲାପାଳଙ୍କ କୋର୍ଟରେ ସାର୍ଟିଫିକେଟ (ସମ୍ପତ୍ତି ବାଜ୍ୟାପ୍ତି) ମାମଲାର ବିଚାର ଚାଲିଛି। ଏ ନେଇ ଶନିବାର ୯ ଖଣି ସଂସ୍ଥା ହାଜର ହେବା ପାଇଁ ଆଦେଶ ରହିଥିଲା। ସେଥିମଧ୍ୟରୁ ୮ ଖଣି ସଂସ୍ଥା ଶିବଦତ୍ତ ଶର୍ମା, ନାରାୟଣୀ ସନ୍ସ, ମାଲା ରାୟ, ବିପିଏମଏଇ, ଓଏମଡିସି, ଏମଆର ଦାସ ହାଜର ହୋଇଥିଲେ ହେଁ ଅର୍ଜୁନ ଲୋଧା ଖଣି ପକ୍ଷରୁ କେହି ଉପସ୍ଥିତ ନ ଥିଲେ। ଏହି ମାମଲା ରାୟ ୧୬ ମାର୍ଚ୍ଚରେ ଶୁଣାଣି ହେବ ବୋଲି ଦିନ ଧାର୍ଯ୍ୟ କରାଯାଇଛି। ହେବାକୁ ଥିବା ଶୁଣାଣିରେ ଏହି ସଂସ୍ଥା ଜରିମାନ ଅର୍ଥ କେବେ ଜମା ଦେବ ସେ ନେଇ ଜବାବ ରଖିବେ ବୋଲି ଜଣାଯାଇଛି। ବିପିଏମଏଇ ଖଣି ସଂସ୍ଥା ପକ୍ଷରୁ ଦେଇଥିବା ଜବାବ ଉପରେ ସରକାରୀ ଓକିଲଙ୍କ ମତାମତ ଲୋଡ଼ାଯାଇଛି। ଓଏମଡିସି ଅବଶିଷ୍ଟ ଅର୍ଥ (୫୪୪ କୋଟି, ୭୬ ଲକ୍ଷ, ୬୫ ହଜାର ୨୨୦) ଜମା କରିବାକୁ ସହମତି ପ୍ରଦାନ କରିଥିବାରୁ ୩୦ ଦିନ ସମୟ ଦିଆଯାଇଛି। ଏମଆର ଦାସ ମାମଲାରେ ୧୬ ମାର୍ଚ୍ଚ ସୁଦ୍ଧା ବକେୟା ୨ କୋଟି ୭୨ ଲକ୍ଷ ୭୯ ହଜାର ୧୧୧ଟଙ୍କା କିପରି ଓ କେବେ ଜମା ଦେବ ସେ ନେଇ ଜଣାଇବାକୁ କୁହାଯାଇଛି। ନାରାୟଣୀ ସନ୍ସ ୧୪ କୋଟି ୧୬ ଲକ୍ଷ ୧୦ ହଜାର ୩୫୫ ଟଙ୍କା ସୁଧ ସହିତ ଦେବ ବୋଲି ନିର୍ଦ୍ଦେଶ ରହିଛି। ଏହି ଟଙ୍କା ମାର୍ଚ୍ଚ ୨ ସୁଦ୍ଧା ନ ଦେଲେ ୱାରେଣ୍ଟ ଇସ୍ୟୁ କରାଯିବ ବୋଲି ଜଣାପଡିଛି।

ଏସ୍‌ଏନ୍‌ଦାସ ମହାପାତ୍ର ଲିଜ୍‌ଧାରୀ ଦେଇଥିବା ଜବାବ ଉପରେ ସରକାରୀ ଓକିଲଙ୍କ ମତାମତ ଲୋଡ଼ାଯାଇଛି। ଉକ୍ତ ସଂସ୍ଥା ପକ୍ଷରୁ ଖଣିରେ ଗଚ୍ଛିତ ଥିବା ଖଣିଜ ପଥରକୁ ବିକିବା ପାଇଁ ଅନୁମତି ମାଗିଥିଲା। ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଦେଶ କ୍ରମେ ଜରିମାନା ଆଦାୟ ପାଇଁ କେସ ଚାଲିଥିବାରୁ ଅନୁମତି ମିଳିପାରିବ ନାହିଁ ବୋଲି ଆଲୋଚନା ହେଉଛି। ଶିବଦତ୍ତ ଶର୍ମା ସଂସ୍ଥା ୨ କୋଟି ୯୭ ଲକ୍ଷ ୮୪ ହଜାର ୨୯୯ ଟଙ୍କା ଜମା ଦେବାକୁ ଅଛି। ମାଲା ରାୟ ସଂସ୍ଥା ୨୪୦ କୋଟି ୩୧ ଲକ୍ଷ ୨ ହଜାର ୮୩୭ ଟଙ୍କା ଓ ବିପିଏମଏ ସଂସ୍ଥା ୮୭୧ କୋଟି ୪୩ ଲକ୍ଷ ୭୭ ହଜାର ୩ ଟଙ୍କା ଜମାଦେବାକୁ ଥିବା ଜଣାପଡିଛି। ଶିବଦତ୍ତ ଶର୍ମା, ନାରାୟଣୀ ସନ୍ସ ଏବଂ ଅନୁପସ୍ଥିତ ଥିବା ଅର୍ଜୁନ ଲୋଧା ଖଣିସଂସ୍ଥାର ଶୁଣାଣି ଶେଷ ହୋଇ ପରବର୍ତ୍ତୀ ତାରିଖ ସୁଦ୍ଧା ଜରିମାନା ଅର୍ଥ ଦାଖଲ ନ କଲେ ୧୨ ପ୍ରତିଶତ ସୁଧ ସହ ଦେବା ସେମାନଙ୍କ ବିରୋଧରେ ୱାରେଣ୍ଟ ଇସ୍ୟୁ ହେବ ବୋଲି ଆଦେଶ ହୋଇଛି। ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଦେଶକ୍ରମେ ଜରିମାନା ଦେଇ ନ ଥିବା ୩୧ ଖଣି ସଂସ୍ଥାର ୨୩ ଜଣ ଲିଜଧାରୀଙ୍କ ବିରୋଧରେ ୬୩୫୦ କୋଟି ଟଙ୍କା ଆଦାୟ କରିବାକୁ ନୋଟିସ ହୋଇଥିଲା। ଜରିମାନା ଅର୍ଥ ନ ଦେବାରୁ ସେମାନଙ୍କ ବିରୋଧରେ ଜିଲାପାଳଙ୍କ କୋର୍ଟରେ ସାର୍ଟିଫିକେଟ କେସ ରୁଜୁ ହୋଇଥିଲା।

## ହାଇୱା-ବୋଲେରୋ ମୁହାଁମୁହିଁ ଧକ୍କା

**ଯୋଡ଼ା, ୨୩।୨(ଡି.ଏନ.ଏ.)**


ଦୁର୍ଘଟଣାଗ୍ରସ୍ତ ବୋଲେରୋ।

କେନ୍ଦୁଝର ଜିଲା ଯୋଡ଼ା ଥାନା ବିଲେଇପଦା ଫାଣ୍ଡି ଅନ୍ତର୍ଗତ ୫୨୦ ନଂ ଜାତୀୟ ରାଜପଥର ବିଲେଇପଦା ଟାଟା ସ୍ପ ମେଟେରିଆଲ୍ ଗେଟ୍ ନିକଟରେ ଶୁକ୍ରବାର ଅପରାହ୍ନରେ ଏକ ହାଇୱା ଓ ବୋଲେରୋ ମୁହାଁମୁହିଁ ଧକ୍କାରେ ୨ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ବୋଲେରୋ ଡ୍ରାଇଭର ସେରେଣ୍ଡା ଅଞ୍ଚଳର ଦୀପକ ସିନ୍ଧୁ ଏବଂ ମେସ୍କୋ କମ୍ପାନୀରେ କାର୍ଯ୍ୟ କରୁଥିବା କର୍ମଚାରୀ କଳିଙ୍ଗ କୁମାର ଧୀର। ବୋଲେରୋ ନଂ. ଓଡି୦୨ ଏସି ୫୮୭୩ ଘଟଗାଁରୁ ଭଦ୍ରାସାହି ଅଭିମୁଖେ ଯାଉଥିବାବେଳେ ସମ୍ମୁଖରୁ ଆସୁଥିବା ହାଇୱା ନଂ ଓଆର ୨୩ ଏ ୪୫୧୨ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ବୋଲେରୋ ଭାଙ୍ଗି ଚୂରମାର ହୋଇଯାଇଛି। ଗୁରୁତରମାନଙ୍କୁ ସ୍ଥାନୀୟ ଲୋକେ ବାସୁଦେବପୁରସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବିଲେପଦା ଫାଣ୍ଡି ଅଧିକାରୀ ନରେଶ କୁମାର ଦାସ ସୂଚନା ଦେଇଛନ୍ତି।

## ମହାବିଦ୍ୟାଳୟ ବିଜ୍ଞାନ ସଂସଦର ବାର୍ଷିକ ଉତ୍ସବ

**ଆନନ୍ଦପୁର, ୨୩।୨(ସ୍ୱ.ପ୍ର.)**

ଆନନ୍ଦପୁର ମହାବିଦ୍ୟାଳୟ ବିଜ୍ଞାନ ସଂସଦର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ରମାକାନ୍ତ ନାୟକଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଶିଷ୍ଟ ବୈଜ୍ଞାନିକ, ଲେଖକ ପ୍ରଫେସର ଡ. ସୂର୍ଯ୍ୟମଣି ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ପରିବେଶ ସମ୍ବନ୍ଧୀୟ ଆଲୋଚନା କ୍ରମରେ ଜଳ, ବାୟୁ ଓ ଭୂମିକୁ ପ୍ରଦୂଷଣ ମୁକ୍ତ କରିବା ପାଇଁ ଚେଷ୍ଟା କରା ନ ଗଲେ ଜୀବ ଜଗତ ଓ ମାନବସମାଜ ପ୍ରତି ଘୋର ବିପଦ ଦେଖାଦେବ ବୋଲି ସୂଚନା ଦେଇଥିଲେ। ସଂସଦର ଉପସଭାପତି ଡ. ମୀନାକ୍ଷୀ ମିଶ୍ର ଅତିଥି ପରିଚୟ ଦେଇଥିଲେ। ଅଧକ୍ଷ ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପଦାର୍ଥ ବିଜ୍ଞାନର ପ୍ରାଧ୍ୟାପକ ଡ. ଦିଲ୍ଲୀପ ଦାଶ ବିଜ୍ଞାନ ସଂସଦର ଆଭିମୁଖ୍ୟ ସମ୍ପର୍କରେ ମତ ରଖିଥିଲେ। ଅଧ୍ୟାପକ ପ୍ରଫୁଲ୍ଲ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।


ଉତ୍ସବରେ ଯୋଗ ଦେଇଥିବା ଅତିଥି।

ଏହି ଅବସରରେ ମୁଖ୍ୟ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ପଦାର୍ଥ ବିଜ୍ଞାନ ସମ୍ମାନରେ ପ୍ରସନ୍ନ ପଟ୍ଟନାୟକ, ରସାୟନ ବିଜ୍ଞାନରେ ପ୍ରାଜ୍ଞକ୍ତା ରାଜ, ପ୍ରାଣୀବିଜ୍ଞାନରେ ବାଗ୍‌ମୀ ପ୍ରିୟଦର୍ଶନୀ ରାମ, ଉଦ୍ଭିଦ ବିଜ୍ଞାନରେ ବିଶ୍ୱଜିତ୍ ବେହେରା, ଗଣିତରେ ଜଗଦୀଶ ବାରିକଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ଶକ୍ତି ପ୍ରସାଦ ମହାପାତ୍ର ଓ ଉମାକାନ୍ତ ନାୟକ ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ କୃଷ୍ଣଚନ୍ଦ୍ର ମହାନ୍ତ, ପୁଷ୍ପଲତା ରାମ, ମନୋରମା ନାୟକ, ବିଶ୍ୱଜିତ୍ ରାଉତ, ଶେଖର ପ୍ରସାଦ ଦେବତା, ଦିବ୍ୟଲୋଚନ ଭୂୟାଁ, ନିମାଇଁ ଚରଣ ରାଉତ, ପ୍ରଦୀପ ଧଳ, ଜଗବନ୍ଧୁ ସାହୁ, ବୈଜୟନ୍ତୀ ଧଳ, ଅନିତା ଦାସ, ଗୀତାଞ୍ଜଳି ନାୟକ, ଦିବ୍ୟଲୋଚନ ସାହୁ ପ୍ରମୁଖ ଅଧ୍ୟାପକଅଧ୍ୟାପିକା, କର୍ମଚାରୀ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ଆଇନ ସଚେତନତା ଶିବିର

**ଆନନ୍ଦପୁର, ୨୩।୨(ସ୍ୱ.ପ୍ର.)**

ଆନନ୍ଦପୁର ତାଲୁକ ଆଇନ ସେବାସମିତି ଆନୁକୂଲ୍ୟରେ ଆଇନ ସଚେତନତା ଶିବିର ଘସିପୁରା ବ୍ଲକ ସାଇଁକୁଳସ୍ଥିତ ପତିତ ପାବନ ମହାବିଦ୍ୟାଳୟ ସଭାଗୃହରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଆନନ୍ଦପୁର ସବଜଜ୍ ପୁନମ ଜେନାଙ୍କ ଅଧକ୍ଷତାରେ ଆୟୋଜିତ ଆଇନ ସଚେତନତା ଶିବିରରେ ଏସଡିଜେଏମ ଶିବାନୀ ଆଚାର୍ଯ୍ୟ, ଘସିପୁରା ଗ୍ରାମ୍ୟ ନ୍ୟାୟାଳୟର ନ୍ୟାୟାଧିକାରୀ ପବିତ୍ରାନନ୍ଦ ପ୍ରଧାନ, ଜେଏମ୍‌ଏଫସି ଅମୀତ କୁମାର, ପ୍ରୋବେସନ୍ ମାଜିଷ୍ଟ୍ରେଟ୍ ସୁପ୍ରଭା କୁଣ୍ଟୁ, ପତିତ ପାବନ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ପ୍ରଦୀପ କୁମାର ମହାନ୍ତି, ଆନନ୍ଦପୁର ଉପଖଣ୍ଡ ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଧନେଶ୍ୱର ସେଠୀ, ଓକିଲ ସଂଘ ସଭାପତି ସଞ୍ଜୟ ମିଶ୍ର, ଉପସଭାପତି ବାଇଧି ସେଠୀ ପ୍ରମୁଖ ଉପସ୍ଥିତ ରହିଥିଲେ। ବଢିଚାଲିଥିବା ସାଇବର୍ କ୍ରାଇମର କାରଣ ଓ ନିରାକରଣ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଶେଷରେ ଆଇନଜୀବୀ ଭାଗିରଥି ଦାଶ ଯୋଗଦେଇ ପିଲାମାନେ ନିଜେ ଯତ୍ନଶୀଳ ଓ ଦାୟିତ୍ୱବାନ ହେବାକୁ ପରାମର୍ଶ ଦେବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ୧୨ ହଜାରକୁ ୧୨ ଶହ ଟଙ୍କା ପିସି

**ଆନନ୍ଦପୁର, ୨୩।୨(ସ୍ୱ.ପ୍ର.)**

ଆନନ୍ଦପୁର ବ୍ଲକ କଣ୍ଟିପାଳ ପଞ୍ଚାୟତରେ ପାଇଖାନା ଘର କାର୍ଯ୍ୟାଦେଶ ପ୍ରଦାନ ପାଇଁ ବ୍ୟାପକ ପିସି କାରବାର ହେଉଥିବା ଅଭିଯୋଗ ହେଉଛି। ସ୍ୱଚ୍ଛଭାରତ ମିଶନ ଆନୁକୂଲ୍ୟରେ ପ୍ରତି ହିତାଧିକାରୀଙ୍କ ନିମନ୍ତେ ୧୨ ହଜାର ଟଙ୍କାର ପାଇଖାନା ନିର୍ମାଣ ନିମନ୍ତେ ଅନୁଦାନ ରାଶି ପ୍ରଦାନ କରାଯାଇଥାଏ। ଏହିକ୍ରମରେ କେତେକାଂଶରେ ଯେକୌଣସି ପାଇଖାନର ଫଟୋ ପଞ୍ଚାୟତରେ ଦାଖଲ କରି ତଞ୍ଚକତା ଭାବେ ଉକ୍ତ ଯୋଜନାରେ ଟଙ୍କା ଉଠାଣ ହେଉଥିବା ଆଲୋଚନା ହେଉଛି। ଏପରି କି ପାଇଖାନା କାର୍ଯ୍ୟାଦେଶ ପ୍ରଦାନ କରିବା ହେଉ କି ପାଇଖାନା ଅର୍ଥ ମଞ୍ଜୁର କରିବା ହେଉ ଏଥି ନିମନ୍ତେ ୧୨ ଶହ ଟଙ୍କାର ପିସି କାରବାର ହେଉଥିବା ମୁଖ୍ୟ ଆଲୋଚନାର ବିଷୟ ସାଜିଛି। ଲୋକେ ପ୍ରକୃତ ପକ୍ଷେ ପାଇଖାନ ଗୃହ ନିର୍ମାଣ ନ କରି ଅର୍ଥକୁ ହଡ଼ପ କରିବା ପାଇଁ ଚଞ୍ଚକତା କରୁଥିବାରୁ ୧୨ ଶହ ଟଙ୍କା ପିସି ଦେବାରେ ଅନିଚ୍ଛା ପ୍ରକାଶ କରୁନାହାନ୍ତି। ଅନ୍ୟପକ୍ଷରେ ପ୍ରକୃତ ପକ୍ଷେ ପାଇଖାନା ଗୃହ ନିର୍ମାଣ କରିବାକୁ ଆଗ୍ରହୀ ହିତାଧିକାରୀଙ୍କୁ ଏହି ପିସି ମହଙ୍ଗା ପଡୁଛି।

## ୧୯୮୬ ମାଟ୍ରିକ ବ୍ୟାଚ୍ ବନ୍ଧୁମିଳନ



ବନ୍ଧୁମିଳନରେ ଯୋଗ ଦେଇଥିବା ପୁରାତନ ଛାତ୍ର।

**ଚମ୍ପୁଆ, ୨୩।୨(ଡି.ଏନ.ଏ.)**

ଚମ୍ପୁଆ ଉପଖଣ୍ଡସ୍ଥ ବାଙ୍କ ଉଚ୍ଚ ବିଦ୍ୟାଳୟର ୧୯୮୬ ମାଟ୍ରିକ ବ୍ୟାଚର ବନ୍ଧୁ ମିଳନ ମିରିଗିଶିଙ୍ଗାଠାରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଶିକ୍ଷକ ଉମାକାନ୍ତ ମହାନ୍ତ, ତାରାପଦ ମହାନ୍ତ, ଶଙ୍କର୍ଷଣ ପ୍ରଧାନ, ମିତ୍ରଭାନୁ ପ୍ରଧାନ, ମଦନମୋହନ ମହାନ୍ତ, ସୁବାସ ବାସୁରୀ, ବିଦ୍ୟାଧର ଖିଲାର ପ୍ରମୁଖ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯୋଗଦେଇ ଉପସ୍ଥିତ ୪୦ରୁ ଊର୍ଦ୍ଧ୍ୱ ଛାତ୍ରଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ପ୍ରଥମେ ଦିବଙ୍ଗତ ଛାତ୍ର, ଶିକ୍ଷକ ଓ ଶହୀଦ ଯବାନଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ପୂର୍ବକ ନୀରବ ପ୍ରାର୍ଥନା କରାଯାଇଥିଲା। ଛାତ୍ରନେତା ଦୁଷ୍ମନ୍ତ ମହାନ୍ତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ସୁନ୍ଦର ନାଏକ, ଦୁଷ୍ମନ୍ତ ବେହେରା, ଦୁର୍ଯ୍ୟୋଧନ ବାରିକ, ଶଙ୍କର୍ଷଣ ବାରିକ, ରମେଶ ପରିଡ଼ା ପ୍ରମୁଖ ପରିଚାଳନା କରିଥିଲେ।

## ମହାସମାବେଶ ପାଇଁ ପ୍ରସ୍ତୁତି ବୈଠକ

**ଯୋଡ଼ା, ୨୩।୨(ଡି.ଏନ.ଏ.)**

### ଏକଜୁଟ ହୋଇ କାମ କରିବାକୁ ଆହ୍ୱାନ

ସ୍ଥାନୀୟ ସହରସ୍ଥିତ କଲ୍ୟାଣମଣ୍ଡପଠାରେ ଯୋଡ଼ା ବିଜେଡି ପକ୍ଷରୁ ଆଗାମୀ ମହାସମାବେଶ ପାଇଁ ଏକ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଯୋଡ଼ା ନଗର ବିଜେଡି ସଭାପତି ଜିତେନ୍ଦ୍ର ଜୟଶ୍ୱାଲଙ୍କ ସଂଯୋଜନାରେ ଆୟୋଜିତ ପ୍ରସ୍ତୁତି ବୈଠକରେ ବିଜେଡି ନେତା କୁଶ ଆପଟ, ଯୁବ ବିଜେଡି ସଭାପତି ମାନସ ଦାସ, ସଂଖ୍ୟାଲଘୁ ସମ୍ପ୍ରଦାୟର ସଭାପତି ନିସାର ହାୟତ, ଯୋଡ଼ା ବ୍ଲକ ପୂର୍ବତନ ଅଧକ୍ଷ କବିନ୍ଦ୍ର ନାଏକ ଏବଂ ଗିରିଧାରୀ ନାଏକ, ଯୋଡ଼ା ବ୍ଲକ ବିଜେଡି ପର୍ଯ୍ୟବେକ୍ଷକ ପ୍ରଦୀପ୍ତ ମହାନ୍ତ, ମାତା ପ୍ରସାଦ ଜୟଶ୍ୱାଲ, ପୂର୍ବତନ କାଉନସିଲର ଶ୍ରୀକାନ୍ତ ସାମନ୍ତ ଏବଂ ରାଜକୁମାରୀ ଥାପା, ଅନୁସୂଚିତ ଜାତି ଓ ଜନଜାତିର ଯୋଡା ବିଜେଡି ସଭାନେତ୍ରୀ କଳ୍ପନା ଦାସ, ବଡବିଲ୍ ଯୁବ ବିଜେଡି ସଭାପତି ହେମନ୍ତ ସଏ, ଟୁକୁ ମିଶ୍ର ପ୍ରମୁଖ ଉପସ୍ଥିତ ରହି ୧ ତାରିଖରେ ଯୋଡ଼ାରେ ହେବାକୁ ଥିବା ଦଳୀୟ ମହାସମାବେଶ ନିମନ୍ତେ ଆଲୋଚନା ହୋଇଥିଲା।

ଯୁବନେତା କୁଶଙ୍କୁ ବୈଠକରେ ସମ୍ବର୍ଦ୍ଧନା ଦିଆଯାଇଥିଲା। ଆଗାମୀ ନିର୍ବାଚନକୁ ଆଖି ଆଗରେ ରଖି ଦଳକୁ କିପରି ଆହୁରି ଅଧିକ ମଜବୁତ କରି ହେବ ସେ ନେଇ ଆଲୋଚନା ହୋଇଥିଲା। ଏକଜୁଟ ହୋଇ କାମ କରିବାକୁ ଆହ୍ୱାନ ଦିଆଯାଇଥିଲା। ଚମ୍ପୁଆ ନିର୍ବାଚନୀମଣ୍ଡଳୀରେ ଦଳ ପକ୍ଷରୁ ଯେଉଁ ପ୍ରାର୍ଥୀଙ୍କୁ ଟିକେଟ ଦିଆଯିବ ତାଙ୍କୁ ଭୋଟ ଦେଇ ବିଜୟ କରିବୁ ବୋଲି ବୈଠକରେ କୁଶ ପ୍ରକାଶ କରିଥିଲେ। ସ୍ଥାନୀୟ ନେତୃତ୍ୱ ଉପରେ ଅଧିକ ଗୁରୁତ୍ୱ ଦେବା ପାଇଁ ଯୋଡା ଯୁବ ବିଜେଡି ସଭାପତି ମାନସ ମତ ପ୍ରକାଶ କରିଥିଲେ।

## ୨ ଯୁବ କବିଙ୍କୁ 'ଶହେସ୍ୱର କବିତା ସମ୍ମାନ'

**ଆନନ୍ଦପୁର, ୨୩।୨(ସ୍ୱ.ପ୍ର.)**

ଆନନ୍ଦପୁର ପୌରପରିଷଦ ଫକୀରପୁରର ଯୁବକବି ତ୍ରିଲୋଚନ ସାହୁ ଏବଂ ହାଟଡିହୀ ବ୍ଲକ ଇଞ୍ଜୋଳ ଗ୍ରାମର ଯୁବ କବି ଇଂ ଚନ୍ଦନ ପଣ୍ଡାଙ୍କୁ 'ଶହେସ୍ୱର କବିତା ସମ୍ମାନ' ମିଳିଛି। ଭୁବନେଶ୍ୱରର ଲବଧ ପ୍ରତିଷ୍ଠ ପ୍ରକାଶନ ସଂସ୍ଥା ପେନ୍ ଏଣ୍ଡ ବୁକ୍ସ ପକ୍ଷରୁ ଉଭୟଙ୍କୁ ଯୁବ ଲେଖକ ପୁରସ୍କାର ୨୦୧୮ ପ୍ରଦାନ କରାଯାଇଛି। ଜୟଦେବ ଭବନଠାରେ ଆୟୋଜିତ ଏକ ଉତ୍ସବରେ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ହରପ୍ରସାଦ ଦାସ, ସାହିତ୍ୟିକ ବିଭୁତି ପଟ୍ଟନାୟକ, ଗୀତିକାର ଦେବଦାସ ଛୋଟରାୟ, ବର୍ତ୍ତା ପ୍ରବନ୍ଧକ ଅରବିନ୍ଦ ଦାସ, ଯୁବ ଉଦ୍ୟୋଗପତି କେଶବ ରାଓ ଯୋଗଦେଇ ଉଭୟ ଯୁବ ପ୍ରତିଭାଙ୍କୁ ମାନପତ୍ର, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ଉତ୍ତରଖାତାରେ ହ୍ୱାଇଟନର ମାରିବା ନେଇ ବିବାଦ

**କେନ୍ଦୁଝର, ୨୩।୨(ସ୍ୱ.ପ୍ର.)**

ଭୁଲ ପ୍ରଶ୍ନପତ୍ର ପାଇଁ ଝୁମ୍ପୁରା ବ୍ଲକ ଉଖୁଣ୍ଡା ଉଚ୍ଚ ବିଦ୍ୟାଳୟର ମାଟ୍ରିକ୍ ପରୀକ୍ଷାର୍ଥୀଙ୍କ ଭବିଷ୍ୟତ ଅନିଶ୍ଚିତତା ମଧ୍ୟରେ ରହିଛି। ଏ ନେଇ ଶନିବାର ଅଭିଭାବକ ତଥା ୪ ପରୀକ୍ଷାର୍ଥୀ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସି ଅଭିଯୋଗ କରିଛନ୍ତି। ପ୍ରଥମ ଦିନ କାଉଁରୀକଳା ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଉକ୍ତ କେନ୍ଦ୍ରରେ ପରୀକ୍ଷା ଦେଉଥିଲେ। ପରୀକ୍ଷାରେ ଭୁଲ ପ୍ରଶ୍ନପତ୍ର ମିଳିଥିଲା। ପ୍ରାୟ ୧୫ ମିନିଟ ପରେ ଭୁଲ ପ୍ରଶ୍ନପତ୍ର ଦିଆଯାଇଥିବା ଜାଣି ପାରି ପରୀକ୍ଷକ ଅନ୍ୟ ପ୍ରଶ୍ନପତ୍ର ଦେଇଥିଲେ। ସେତେବେଳକୁ ପରୀକ୍ଷାର୍ଥୀ ଖାତାରେ ଉତ୍ତର ଲେଖି ସାରିଥିଲେ। ତ୍ରୁଟିକୁ ଲୁଚାଇବା ପାଇଁ ପରୀକ୍ଷାର୍ଥୀଙ୍କ ଖାତାରେ ହ୍ୱାଇଟନର ମାରିଦେଇଥିଲେ। ପରୀକ୍ଷା ନିୟମାନୁଯାୟୀ ଉତ୍ତର ଖାତାରେ ହ୍ୱାଇଟନର ବା ଅନ୍ୟ କୌଣସି କଲର ଲଗାଇଲେ ତାହା କମ୍ପ୍ୟୁଟର ଗ୍ରହଣ କରିବ ନାହିଁ। ଜିଲା ଶିକ୍ଷା ଅଧିକାରୀ କପିଳେନ୍ଦ୍ର ମିଶ୍ରଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ଅବଗତ ଅଛି। ଖାତା ସିଲ ହୋଇଯାଇଥିବାରୁ ବୋର୍ଡକୁ ଜଣାଯିବ ବୋଲି ସେ କହିଛନ୍ତି।

## ସବୁଜ ବୈତରଣୀ ସଚେତନତା

**ପାଟଣା, ୨୩।୨(ସ୍ୱ.ପ୍ର.)**

ପାଟଣା ବ୍ଲକ ବେଗୁନା ଖମଣସ୍ଥିତ ଏରେଣ୍ଡେଇ ପଞ୍ଚାୟତ ହାଇସ୍କୁଲରେ ସବୁଜ ବୈତରଣୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବୈତରଣୀ ନଦୀ କୂଳରେ ଚାରାରୋପଣ କରାଯାଇଥିଲା। ଛାତ୍ରୀଛାତ୍ରଙ୍କୁ ନେଇ ସଚେତନତା ଶୋଭାଯାତ୍ରା ହୋଇଥିଲା। ଆୟୋଜିତ ସଭାରେ ସରପଞ୍ଚ ପାର୍ବତୀ ଦେହୁରିଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଭାବେ । ବ୍ଲକ ଅଧକ୍ଷ ଜଗନ୍ନାଥ ନାଏକ, ସମ୍ମାନିତ ଅତିଥି ରାଘବ ପଲେଇ, ରବୀନ୍ଦ୍ର ସେଠୀ, ବନାଞ୍ଚଳ ଅଧିକାରୀ ପିତ୍ରମୋହନ ନାଏକ, ଉପବନାଞ୍ଚଳ ଅଧିକାରୀ ସ୍ୱରାଜ୍ୟ ପାତ୍ର, ବନପାଳ ଶଶୀଭୂଷଣ ବାରିକ, ପ୍ରଧାନଶିକ୍ଷକ ଶୁରେଶ ଚନ୍ଦ୍ର ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ଭବାନୀ ଶଙ୍କର ମହାନ୍ତ, ଶ୍ରୀନିବାଶ ଶତପଥୀ, ଲକ୍ଷ୍ମଣ ମହାନ୍ତ, ମଣ୍ଡେଶରୀ ମହାନ୍ତ ଓ ପ୍ରଫୁଲ ମହାନ୍ତ ପରିଚାଳନା କରିଥିଲେ।

## ସମ୍ବର୍ଦ୍ଧିତ ହେଲେ ପ୍ରମୋଦିନୀ



ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଅତିଥି।

**ପାଟଣା, ୨୩।୨(ସ୍ୱ.ପ୍ର.)**

ପୂର୍ବତନ ପାଟଣା ଥାନା ଅଧିକାରୀ ପ୍ରମୋଦିନୀ ସାହୁ ସମ୍ବର୍ଦ୍ଧିତ ହୋଇଛନ୍ତି। ତାଙ୍କର ରାଉଲକେଲାକୁ ବଦଳି ହେବା ପରେ ଶୁକ୍ରବାର ପ୍ରମୋଦିନୀଙ୍କୁ ପାଟଣା ଥାନା ପରିସରରେ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ସମ୍ବର୍ଦ୍ଧନା ସଭାରେ ପାଟଣା ବ୍ଲକ ପୂର୍ବତନ ଅଧକ୍ଷ ଇଂ . ବିଦ୍ୟାଧର ଦାଶଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଭାବେ ଘଟଗାଁ ଏସଡିପିଓ ରବୀନ୍ଦ୍ର ମଲ୍ଲିକ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ବିଡ଼ିଓ କୁଶଳ ଚନ୍ଦ୍ର ନାଏକ, ଥାନା ଅଧିକାରୀ ପୁଷ୍ପାଞ୍ଜଳି ସାମନ୍ତରାୟ, ଖବରଦାତା ନୃସିଂହ ନାଥ ସିଂ ପ୍ରମୁଖ ଯୋଗ ଦେଇଥିଲେ। ସଭାରେ ସାମାଜିକ କର୍ମୀ ଅଜୟ ଦାଶ, ଲକ୍ଷ୍ମଣ ଦାଶ, ଖବରଦାତା ବୀରକିଶୋର ଦାଶ, ମହେଶ୍ୱର ପୃଷ୍ଟି, ଶିକ୍ଷକ ପାର୍ଥସାର୍ଥୀ ବେଜ, ଏସଆଇ ତ୍ରୈଲୋଚନ ସିଂ, ଏଏସଆଇ ଅଶୋକ ନାଏକ ଓ ଅଶୋକ ପୋହି ପ୍ରମୁଖ ଉପସ୍ଥିତ ରହି ପ୍ରମୋଦିନୀଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଅବଗତ କରିଥିଲେ। ପ୍ରମୋଦିନୀ ସ୍ଥାନୀୟବାସୀଙ୍କ ମଧ୍ୟରେ ଅତ୍ୟନ୍ତ ଲୋକପ୍ରିୟ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଏଏସଆଇ ସୁଧାଂଶୁଶେଖର ଜେନା, ମହେଶ୍ୱର ମୁଣ୍ଡା, ଖବରଦାତା କିଶୋର ଚନ୍ଦ୍ର ମହାନ୍ତ, ସନ୍ତୋଷ ପତି, କାମିନୀ କାନ୍ତ ଦ୍ୱିବେଦୀ ଓ ଅଭିମନ୍ୟୁ ରାଉତ ପ୍ରମୁଖ ଉପସ୍ଥିତି ରହିଥିଲେ।

# ଅନ୍ଧାରରେ ଡାକୁଆ ସାହି

**ଝୁମ୍ପୁରା, ୨୩।୨(ଡି.ଏନ.ଏ.)**

- ବିଜୁଳି ଆଲୋକ ନ ମିଳିଲେ ଭୋଟ ବର୍ଜନ
- ପ୍ରଶାସନକୁ ଚେତାଇଦେଲେ ସାହିବାସିନ୍ଦା

କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକ ଖେଣ୍ଡରା ଗ୍ରାମ ପଞ୍ଚାୟତ ଡାକୁଆସାହି ଅନ୍ଧାରରେ ରହିଛି। ସାହିବାସିନ୍ଦା ବିଦ୍ୟୁତ୍ ଆଲୋକ ପାଇବାରୁ ବଞ୍ଚିତ ହୋଇଛନ୍ତି। ତୁରନ୍ତ ବିଦ୍ୟୁତ୍ ସଂଯୋଗ ନ ହେଲେ ଭୋଟ ବର୍ଜନ କରିବା ପାଇଁ ସାହିବାସୀ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ଶୁକ୍ରବାର ଲିଖିତ ଅଭିଯୋଗ ଝୁମ୍ପୁରା ବିଡିଓଙ୍କୁ ପ୍ରଦାନ କରାଯାଇଛି। ନିର୍ବାଚନ ଆସିଲେ ରାଜନେତାମାନେ ଗ୍ରାମାଞ୍ଚଳ ଲୋକଙ୍କୁ ବିଭିନ୍ନ ପ୍ରତିଶ୍ରୁତି ଦେଇଥାନ୍ତି। ଭୋଟ ସରିଗଲେ ଦେଇଥିବା ପ୍ରତିଶ୍ରୁତି ପାସୋରି ଦିଅନ୍ତି ବୋଲି ଅଭିଯୋଗ ହୋଇଛି।

ଝୁମ୍ପୁରା ବ୍ଲକର ଗ୍ରାମାଞ୍ଚଳରେ ଏହି ଅଭିଯୋଗ ନିତିଦିନିଆ ହୋଇଗଲାଣି। ରାସ୍ତା, ପୋଲ, ବିଦ୍ୟୁତ୍‌କରଣ, ସ୍ୱାସ୍ଥ୍ୟସେବା, ପାନୀୟ ଜଳ ଆଦି ସମସ୍ୟାକୁ ନେଇ ଗ୍ରାମବାସୀ ଜର୍ଜରିତ ହୋଇପଡ଼ି ରହିଛନ୍ତି। ଭୋଟ ବର୍ଜନ ନିଷ୍ପତ୍ତିକୁ ସାମୂହିକ ଭାବେ ଆପଣାଇ ନେଉଛନ୍ତି ଗ୍ରାମବାସିନ୍ଦା। ଏ ନେଇ ଜିଲା, ବ୍ଲକ ପ୍ରଶାସନ ନିକଟରେ ବହୁବାର ଅଭିଯୋଗ ହେଉଛି। ନିଶ୍ଚିନ୍ତପୁର, ବାଲିବନ୍ଧ, ବସନ୍ତପୁର, ଖୁଣ୍ଟାପଡ଼ା ଆଦି ପଞ୍ଚାୟତଗୁଡିକର ବିଭିନ୍ନ ସମସ୍ୟା ରହିଛି।



ଅଭିଯୋଗ କରିବାକୁ ଆସିଥିବା ସାହିବାସିନ୍ଦା।

ଖେଣ୍ଡରା ପଞ୍ଚାୟତ ଡାକୁଆସାହି ବାସିନ୍ଦା ବିଦ୍ୟୁତ୍ ସଂଯୋଗ ନ ପାଇ ହଇରାଣ ହେଉଛନ୍ତି। ଏ ନେଇ ତୁରନ୍ତ ବିଦ୍ୟୁତ୍ ସଂଯୋଗ କରିବାକୁ ସାହି ବାସିନ୍ଦା ପୂର୍ଣ୍ଣମୀ ନାଏକ, ସୌଦାମିନୀ ନାଏକ, ସୁକୁରୁମନୀ ନାଏକ, ଗୁଣମଣୀ ନାଏକ, ଖଗେଶ୍ୱର ନାଏକ, ରେବତୀ ନାଏକ, ଅନୁରାଧା ନାଏକ, ସମରା ମୁଣ୍ଡା ପ୍ରମୁଖ କହିଛନ୍ତି। ୧ ବର୍ଷ ପୂର୍ବରୁ ସାହିରେ ଖୁଣ୍ଟ ପୋତାଯାଇ ତାର ଟଣାଗଲା। ଟ୍ରାନ୍ସଫରମର ମଧ୍ୟ ବସିଲା। ମାତ୍ର ବିଦ୍ୟୁତ୍ ସଂଯୋଗ ଦିଆ ଯାଉନାହିଁ। ଅଭିଯୋଗ ପତ୍ର ଉପରେ ସମୁଦାୟ ୫୯ ଜଣ ସାହି ବାସିନ୍ଦାଙ୍କ ଦସ୍ତଖତ ଓ ଟିପ ଚିହ୍ନ ରହିଛି। ବିଡିଓ ଜୟଶ୍ରୀ ବେଉରାଙ୍କ ମତାମତ ମିଳିପାରି ନାହିଁ। ରିମୁଳିସ୍ଥିତ ନେସ୍କୋ ସେକସନର ଯନ୍ତ୍ରୀ ଡି. ମୁର୍ମୁଙ୍କୁ ପଚାରିବାରୁ ବିଦ୍ୟୁତ୍ ସଂଯୋଗ ପାଇଁ ବ୍ୟବସ୍ଥା କରାଯାଉଛି ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଋଣ ଶୁଝି ନ ପାରି ଆତ୍ମହତ୍ୟା

**ବସ୍ତା, ୨୩।୨(ସ୍ୱ.ପ୍ର.)**-ବସ୍ତା ଥାନା ବଡଖୁଡୀ ଗ୍ରାମର ଯୁଧିଷ୍ଠିର ନାୟକ (୪୨) ନାମକ ଯୁବକ ଶୁକ୍ରବାର ଫାଶୀ ଦେଇ ଆତ୍ମହତ୍ୟା କରିଛନ୍ତି। ସେ କୃଷିଋଣ ଶୁଝି ନ ପାରି ଆତ୍ମହତ୍ୟା କରିଥିବା ଲୋକେ କହୁଛନ୍ତି। ପୋଲିସ ଶବ ବ୍ୟବଚ୍ଛେଦ କରି ତଦନ୍ତ ଜାରି ରଖିଛି।

### ବିଜେଡି କର୍ମୀଙ୍କ ବନ୍ଧୁମିଳନ

**ଜଳେଶ୍ୱର, ୨୩।୨(ଡି.ଏନ.ଏ.)**- ଜଳେଶ୍ୱର ସହର ନୂଆବଜାରସ୍ଥିତ ଏକ ଘରୋଇ କଲ୍ୟାଣମଣ୍ଡପରେ ବିଜେଡିର କର୍ମୀ ଜଳେଶ୍ୱର ବ୍ଲକ ଓ ମ୍ୟୁନିସିପାଲିଟି ଅଞ୍ଚଳର କର୍ମକର୍ତ୍ତାମାନଙ୍କ ତରଫରୁ ଏକ ବନ୍ଧୁ ମିଳନ ଆୟୋଜିତ ହୋଇଯାଇଛି। ବିଜେଡିର ଯୁବନେତା ଶ୍ରୀକଣ୍ଠ ମହାନ୍ତି ଓ ହରିଶଚନ୍ଦ୍ର ପରିଡ଼ାଙ୍କ ଆବାହକତ୍ୱରେ ଆୟୋଜିତ ବନ୍ଧୁମିଳନରେ ବିଜେଡି ବ୍ଲକ ସଭାପତି ସୁଧୀର କୁମାର ପାତ୍ର ସଭାପତିତ୍ୱ କରିଥିଲେ। ପୂର୍ବତନ ସରପଞ୍ଚ ତଥା ପୁରୁଖା ବିଜେଡି ନେତା ରମାନାଥ ଗିରି, ଖାଲିନା ସରପଞ୍ଚ ପ୍ରେମକାନ୍ତି ବାର୍ଲା, ସଦସ୍ୟ ସୁକୁମାର ମୁର୍ମୁ, ନାମ୍ପୋ ସରପଞ୍ଚ ସଞ୍ଜୟ ସିଟ୍, ଦଳର ବ୍ଲକ ଯୁବ ସଭାପତି ଅରୁଣ ରାଉଳ, ମ୍ୟୁନିସିପାଲିଟି ସଂଖ୍ୟାଲଘୁ ସେଲ ସଭାପତି ମୀର ଆବାସ ଅଲ୍ଲୀ, ରାଜ୍ୟ ଅନୁସୂଚିତ ଜନଜାତି ସେଲର ସଭ୍ୟ ଅଶୋକ ଜେନା, କର୍ମୀ ଦିଲୀପ ଶତପଥୀ, ଅଶୋକ ଦାସ, ଅଶୋକ ଗିରି, ଜୟନ୍ତ ଦେ, ଅଜୟ ଦାସ, ଜୟନାରାୟଣ ଜେନା, ପ୍ରଦୀପ ପ୍ରଧାନ ପ୍ରମୁଖ ଶତାଧିକ ସ୍ଥାନୀୟ ନେତୃବୃନ୍ଦ ତଥା କର୍ମୀ ଯୋଗ ଦେଇଥିଲେ। ଏହି ବନ୍ଧୁମିଳନରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଉଥିବା ବ୍ୟକ୍ତିଙ୍କୁ ବିଧାୟକ ପ୍ରାର୍ଥୀ ଭାବେ ଟିକେଟ ଦେବାକୁ ଦାବି କରାଯିବ ବୋଲି ଆଲୋଚନା କରାଯାଇଥିଲା।

### ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

**ଭଦ୍ରକ ଅଫିସ, ୨୩।୨**
ସ୍ଥାନୀୟ ବନ୍ଧଗାଁ ପଞ୍ଚାୟତରେ ଶନିବାର ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଯୁବକ ଜମ୍ମୁ-କଶ୍ମୀରର ପୁଲଓ୍ୱାମାଠାରେ ଆତଙ୍କବାଦୀଙ୍କ ଆକ୍ରମଣରେ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସନ୍ଧ୍ୟାରେ ଯୁବକମାନେ ଏକାଠି ହୋଇ ବନ୍ଧଗାଁ ବିଦ୍ୟାଳୟ ପଡ଼ିଆରେ ଥିବା ଭଦ୍ରକାଳୀ ପୀଠରୁ ମହମବତୀ ଜାଳି ଶୋଭାଯାତ୍ରାରେ ବାହାରିଥିଲେ। ସେମାନେ ଉପରସାହି, ମଝିସାହି, ସାହୁସାହି, ମଲ୍ଲିକସାହି, ରାଉତସାହି, ସେଠୀ ସାହି, ବ୍ରାହ୍ମଣସାହି ଓ ଦାସସାହି ପରିକ୍ରମା କରି ଭାରତମାତା କି ଜୟ, ହିନ୍ଦୁସ୍ତାନ ଜିନ୍ଦାବାଦ୍, ବନ୍ଦେ ମାତରମ୍, ଶହୀଦ ଯବାନ ଅମର ରହେ, ପାକିସ୍ତାନ ମୁର୍ଦ୍ଦାବାଦ୍, ଇମ୍ରାନ ଖାଁ ମୁର୍ଦ୍ଦାବାଦ୍ ଭଳି ସ୍ଲୋଗାନ ଦେଇ ପୁଣି ଭଦ୍ରକାଳୀ ପୀଠରେ ପହଞ୍ଚିଥିଲେ। ଗ୍ରାମର ବହୁ ବ୍ୟକ୍ତିବିଶେଷ ମଧ୍ୟ ଯୋଗଦେଇ ପାକିସ୍ତାନ ଆତଙ୍କବାଦୀଙ୍କୁ ନିନ୍ଦା କରିଥିଲେ।

■ ଅଧ୍ୟାପକ ପଦବୀ ଖାଲି, ବିଗିଡ଼ିଯାଉଛି ପାଠପଢ଼ା

# ଅନିଶ୍ଚିତତା ମଧ୍ୟରେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ

**ବାଞ୍ଛାନିଧି ଦେ**
**ରୂପ୍‌ସା, ୨୩।୨**




■ ଶାନ୍ତିଲତା ମହାବିଦ୍ୟାଳୟ
■ ୭୧୦ ପିଲାଙ୍କ ପାଇଁ ଅଛନ୍ତି ୮ ଅଧ୍ୟାପକ
■ ଓଡ଼ିଆ ବିଭାଗରେ ଶୂନ

ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ନିମନ୍ତେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ହେଲେ ରାଜ୍ୟରେ ବହୁତ ମହାବିଦ୍ୟାଳୟ ଅଛି, ଯେଉଁଠି ଆବଶ୍ୟକ ସଂଖ୍ୟକ ଅଧ୍ୟାପକ ନାହାନ୍ତି। ବାଲେଶ୍ୱର ଜିଲା ସଦର ବ୍ଲକ ଅନ୍ତର୍ଗତ ଉଇଟିକିରି ଶାନ୍ତିଲତା ମହାବିଦ୍ୟାଳୟ ଏହାର ଏକ ଉଦାହରଣ।

୧୯୮୦ ମସିହାରେ ଏହି ମହାବିଦ୍ୟାଳୟ ସ୍ଥାପିତ ହୋଇଛି। ଦୀର୍ଘଦିନ ହେଲା ଏଠାରେ ୭ଜଣ ଅଧ୍ୟାପକ ଓ ଜଣେ କନିଷ୍ଠ କିରାଣି ପଦବୀ ଖାଲି ପଡ଼ିଛି। ଅଧ୍ୟାପକଙ୍କ ଅଭାବ ଯୋଗୁ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନିଶ୍ଚିତତା ମଧ୍ୟରେ ଗତି କରୁଛି। ବାସ୍ତବରେ କଲେଜରେ ପାଠପଢ଼ା ଏକରକମ ବିଗିଡ଼ିଯାଇଛି। ସରକାରୀ ଅନୁମୋଦିତ ୧୫ ଅଧ୍ୟାପକଙ୍କ ସ୍ଥାନରେ ଅଛନ୍ତି ମାତ୍ର ୮ ଅଧ୍ୟାପକ। ଓଡ଼ିଆ ବିଭାଗରେ କୌଣସି ଅଧ୍ୟାପକ ନ ଥିବାରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉତ୍ସାହ କମିଯାଉଛି। ଇଂଲିଶ ବିଭାଗରେ ୨ଜଣଙ୍କ ସ୍ଥାନରେ ଜଣେ, ଇତିହାସ ବିଭାଗରେ ୨ଜଣଙ୍କ ସ୍ଥାନରେ ଜଣେ, ଅର୍ଥନୀତିରେ ୨ଜଣଙ୍କ ସ୍ଥାନରେ ଜଣେ, ସଂସ୍କୃତରେ ୨ଜଣଙ୍କ ସ୍ଥାନରେ ଜଣେ, ରାଜନୀତି ବିଜ୍ଞାନରେ ମଧ୍ୟ ୨ଜଣଙ୍କ ସ୍ଥାନରେ ଜଣେ ଥିବାରୁ ପାଠପଢ଼ା ବାଧାପ୍ରାପ୍ତ ହେଉଛି। ଓଡ଼ିଆ ବିଭାଗରେ ୨ଟି ପଦବୀ ଫାଙ୍କା ପଡ଼ିଥିବା ବେଳେ କେବଳ ଦର୍ଶନ ବିଭାଗରେ ୨ଜଣ ଅଧ୍ୟାପକ ଅଛନ୍ତି। ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପକ ଯତୀନ୍ଦ୍ର ନାଥ ଦାସ ଅଧ୍ୟକ୍ଷ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିଲେ। ସେ ଚଳିତ ଫେବୃୟାରୀ ୨୮ ତାରିଖରେ ଅବସର ଗ୍ରହଣ କରିବେ। ଫଳରେ ଏହି ବିଭାଗରେ ମଧ୍ୟ ଗୋଟିଏ ପଦବୀ ଖାଲି ପଡ଼ିବ। ସେହିପରି କନିଷ୍ଠ କିରାଣିଙ୍କ ଅବସର ପରେ ଏହି ପଦବୀ ଖାଲିପଡ଼ିଥିବାରୁ ଅଫିସ କାର୍ଯ୍ୟ ପରିଚାଳନାରେ ବାଧା ଉପୁଜିଛି।

୨୦୧୮-୧୯ ଶିକ୍ଷାବର୍ଷର ହିସାବକୁ ଦେଖିଲେ ଯୁକ୍ତ ୨ କଳାର ୧ମ ଓ ୨ୟ ବର୍ଷର ଛାତ୍ରୀଛାତ୍ର ୩୨୦ ଥିବାବେଳେ ଯୁକ୍ତ ୩ର ୧ମ, ୨ୟ ଓ ୩ୟ ବର୍ଷ କଳାର ଛାତ୍ରୀଛାତ୍ରଙ୍କ ସଂଖ୍ୟା ୩୯୦। ମୋଟ ୭୧୦ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଶତକଡ଼ା ୭୦ଭାଗ ଛାତ୍ରୀ ହୋଇଥିବା ବେଳେ ଅଧିକାଂଶ ଅନୁସୂଚିତ ଜାତି, ଉପଜାତି ବର୍ଗର । ଯୁକ୍ତ ୩ କଳା ବିଭାଗରେ ଓଡ଼ିଆ, ଇତିହାସ, ରାଜନୀତି ବିଜ୍ଞାନ, ଅର୍ଥନୀତି, ସଂସ୍କୃତ ଓ ଦର୍ଶନ ବିଷୟରେ ସମ୍ମାନ(ଅନର୍ସ) ରହିଛି। ତେବେ ଛାତ୍ରୀଛାତ୍ରଙ୍କ ଅନୁପାତରେ ଆବଶ୍ୟକ ସଂଖ୍ୟକ ଅଧ୍ୟାପିକା, ଅଧ୍ୟାପକ ନ ଥିବାରୁ ଶିକ୍ଷାଦାନ ସମ୍ପୂର୍ଣ୍ଣ ବିଗିଡ଼ିଯାଇଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଅଧ୍ୟକ୍ଷ ଯତୀନ୍ଦ୍ର ନାଥ ଦାସ କହିଛନ୍ତି ଯେ, ଅଧ୍ୟାପକ ଓ କର୍ମଚାରୀଙ୍କ ଅଭାବ ସମ୍ପର୍କରେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ବହୁବାର ଅବଗତ କରାଯାଇଛି। ଗେଷ୍ଟ ଫାକଲ୍‌ଟି ଭାବେ ୪ଜଣ ଅଧ୍ୟାପିକା ଓ ଅଧ୍ୟାପକଙ୍କୁ ନିଯୁକ୍ତି ଦିଆଯାଇ ପାଠ ପଢ଼ାଇବା ଦିଗରେ ପଦକ୍ଷେପ ନିଆଯାଉଛି।

ଗଭର୍ଣ୍ଣିଂ ବଡ଼ି ପ୍ରେସିଡେଣ୍ଟ ବିଧାୟକ ଜୀବନ ପ୍ରଦୀପ ଦାଶ କହିଛନ୍ତି ଯେ, ଏଡେଡ କଲେଜରେ ସରକାରୀ ବଦଳି ନିର୍ଦ୍ଦେଶନାମା ଲାଗୁ ହେବା ପରେ ଏଭଳି ପରିସ୍ଥିତି ଉପୁଜିଛି। ପରିଚାଳନା କମିଟି ମାଧ୍ୟମରେ ଆବଶ୍ୟକ ଅଧ୍ୟାପକଙ୍କୁ ନିଯୁକ୍ତି ଦିଆଯାଇ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରାଯାଇଛି।

## କଳା, ସଂସ୍କୃତି ଉଜ୍ଜୀବିତ ରଖିବାକୁ ପ୍ରୟାସ

**କେନ୍ଦୁଝର, ୨୩।୨(ସ୍ୱ.ପ୍ର.)**
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର କେନ୍ଦୁଝରଗଡ଼ଠାରେ ଭାରତୀୟ ସଂସ୍କୃତିର ସଂରକ୍ଷଣ, ସମ୍ବର୍ଦ୍ଧନା ଏବଂ ଉତ୍‌ଥାନ ନିମନ୍ତେ ଏକ ଦିବସୀୟ କାର୍ଯ୍ୟଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ର ଯୋଗଦେଇ ଭାରତୀୟ ସଂସ୍କୃତିର ଲୋପ ପାଇଥିବା କଳାକୁ ଉଦ୍‌ଜୀବିତ କରିବା ପାଇଁ ଶିଶୁ ମନ୍ଦିରର ପ୍ରୟାସକୁ ପ୍ରଶଂସା କରିଥିଲେ। ଉତ୍ତର ସଂଭାଗର ସଂଯୋଜକ ସୁକାନ୍ତ କୁମାର ବେହେରା ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ। ପରିଚାଳନା ସମିତିର ଉପସଭାପତି ଇଂ ହରମୋହନ ପଟ୍ଟନାୟକ ସଭାପତିତ୍ୱ କରିଥିଲେ।

ଏହି କାର୍ଯ୍ୟଶାଳାରେ ଓଡ଼ିଶୀ ନୃତ୍ୟ, ଓଡ଼ିଶୀ ଗୀତ, ଝୁମର, ସାନ୍ତାଳିନୃତ୍ୟ ଭଜନ ଓ ଜଣାଣ, ନାଟକ, ଗଳ୍ପ ଲିଖନ ଓ କଥନ, କବିତା ଲିଖନ, ଢଗଢମାଳି, କାନ୍ଦଣା, ରଜ ଦୋଳିଗୀତ, ଝୋଟି, ମୁରୁଜ, ମୁଖାୟକଳା, ଚିତ୍ରକଳା କାଗଜ କାମ, ନଡିଆକତା କାମ, ଦାସକାଠିଆ, ମୃଦଙ୍ଗ, କଣ୍ଢେଇ ନାଚ ନେଇ ପୁରାତନ ସଂସ୍କୃତିର ପ୍ରଶିକ୍ଷଣ କରାଯାଇଥିଲା। ଏହି କାର୍ଯ୍ୟଶାଳାରେ ପ୍ରଶିକ୍ଷକ ଭାବେ କମଳାକାନ୍ତ ମହାନ୍ତ, ଚକ୍ରଧର ପରିଡ଼ା, ଭାସ୍କର ଚନ୍ଦ୍ର ମିଶ୍ର, କଳ୍ପନା ତ୍ରିପାଠୀ, ଗଗନ ବିହାରୀ ଜେନା, ସୁଲୋଚନା ନାଏକ, ମଧୁସୂଦନ ମିଶ୍ର, ରଙ୍ଗାଧର ବେହେରା, ପୁରନ୍ଦର ନାଏକ, ଦର୍ଶନ ସାହୁ, ମନୋଜ ପ୍ରଧାନ, ବିବେକାନନ୍ଦ ପଣ୍ଡା, ମାଧବୀ ମହାନ୍ତ, ଛବିଲାଲ ମାଝୀ, ବିଜୟ ବେହେରା, ଡ. ଅନିରୁଦ୍ଧ ବିଶ୍ୱାଳ ଓ ଇନ୍ଦୁମତୀ ବେହେରା ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷିତ କରିଥିବାରୁ ବିଦ୍ୟାଳୟ ତରଫରୁ ସମସ୍ତଙ୍କୁ ଉପଢୌକନ ସହ ସମ୍ବର୍ଦ୍ଧନା କରାଯାଇଥିଲା। ପ୍ରଧାନାଚାର୍ଯ୍ୟ ରାଜେନ୍ଦ୍ର ପ୍ରସାଦ ଅଗସ୍ତି ଅତିଥିଙ୍କର ପରିଚୟ ପ୍ରଦାନ କରିଥିଲେ। ପରିଚାଳନା ସମିତିର ସମ୍ପାଦକ ରବୀନ୍ଦ୍ର କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ସହପ୍ରଧାନାଚାର୍ଯ୍ୟ ଅଲେଖ ମହାନ୍ତଙ୍କ ସମେତ ବିଦ୍ୟାଳୟର ସମସ୍ତ ଗୁରୁଜୀଗୁରୁମା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଉଜ୍ଜ୍ୱଳା ସ୍ୱାଭିମାନ ଉତ୍ସବ

**ଖୁଣ୍ଟା, ୨୩।୨ (ଡି.ଏନ.ଏ.)**
ଖୁଣ୍ଟା ମିନିଷ୍ଟାଡିୟମଠାରେ ଉଜ୍ଜ୍ୱଳା ଯୋଜନା ସ୍ୱାଭିମାନ ଉତ୍ସବ ପାଳିତ ହୋଇଯାଇଛି। ବିପିସିଏଲ, ଖୋର୍ଦ୍ଧା ପ୍ଲାଣ୍ଟର ଅପରେଶନ ମ୍ୟାନେଜର ଆଲୋଇସି କୁଜୁର ଉପସ୍ଥିତ ରହି ହିତାଧିକାରୀଙ୍କୁ ଗ୍ୟାସ୍‌ର ନିରାପଦ ବ୍ୟବହାର ସମ୍ପର୍କରେ ସୂଚନା ଦେଇଥିଲେ। ଗ୍ୟାସ୍ ବ୍ୟବହାର ଯୋଗୁ ହିତାଧିକାରୀ ବଳକା ସମୟ ଅନ୍ୟ ଦିଗରେ ବିନିଯୋଗ କରିପାରିବେ ବୋଲି ସେ କହିବା ସହିତ ଅନ୍ୟ ସ୍ଥାନଗୁଡ଼ିକରେ କେନ୍ଦ୍ରମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ସହିତ ହୋଇଥିବା ବାର୍ତ୍ତାଳାପର ଭିଡିଓ ପ୍ରଦର୍ଶନ କରିଥିଲେ। ଅତିଥି ଭାବେ ମୟୂରଭଞ୍ଜ ଜିଲାପରିଷଦ ଅଧ୍ୟକ୍ଷ ସୁଜାତା ମୁର୍ମୁ, ପୂର୍ବତନ ବିଧାୟକ ଭାସ୍କର ମଡେଇ, କାନ୍ଦ୍ରା ସରେନ, ବ୍ଲକ ସଂଯୋଜକ ହିମାଂଶୁ ଶେଖର ବେହେରା, ବିତରକ ହରିଶ ବେହେରା, ଭବାନୀ ମହଲା ଓ ଅଞ୍ଜନ ବେହେରା ପ୍ରମୁଖ ଉଜ୍ଜ୍ୱଳା ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।

## କୃଷକ ସମ୍ପର୍କ ମେଳା ଉଦ୍‌ଯାପିତ

**ବିଶୋଇ, ୨୩।୨(ଡି.ଏନ.ଏ.)**
ରାଜ୍ୟ କୃଷି ଓ କୃଷକ ବିଭାଗ ଆନୁକୂଲ୍ୟରେ ବିଶୋଇ ବ୍ଲକ ଅନ୍ତର୍ଗତ ସାନପୁରୁଣାପାଣି ପଞ୍ଚାୟତ ଚାରୁପାଣିଠାରେ ବ୍ଲକସ୍ତରୀୟ କୃଷକ ସମ୍ପର୍କ ମେଳା ଉଦ୍‌ଯାପିତ ହୋଇଯାଇଛି। ବାରିପଦା କୃଷି କ୍ଷେତ୍ର ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସୋ ମୁଖ୍ୟଅତିଥି ଏବଂ ରାଇରଙ୍ଗପୁର କୃଷି ଅଧିକାରୀ ରୁଦ୍ରଦେବ ରାଉତ, ଜିଲା ସହକାରୀ ଉଦ୍ୟାନ କୃଷି ଅଧିକାରୀ ମାନସିଂ ସରେନ, ବିଶୋଇ ଉଦ୍ୟାନ କୃଷି ସମ୍ପ୍ରସାରଣ କର୍ମଚାରୀ ମଧୁସ୍ମିତା ମେନକା ହାଁସଦା, ବିଶୋଇ ପ୍ରାଣୀ ଚିକିତ୍ସାଳୟର ଡ. ଏସ୍.ସି ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶୋଇ ଏଏଫ୍‌ଓ ପ୍ରକାଶ ଚନ୍ଦ୍ର ନାୟକ, ହେମନ୍ତ କୁମାର ନାଏକ, ବିଶୋଇ ସହକାରୀ କୃଷି ଅଧିକାରୀ ଗାୟତ୍ରୀ ଟୁଡୁ, ମଣଦା ସହକାରୀ କୃଷି ଅଧିକାରୀ ଲିସା ପ୍ରିୟଦର୍ଶିନୀ, ସାନପୁରୁଣାପାଣି ସରପଞ୍ଚ ଶୋଭାରାମ ଶ୍ୟାମ ମୁର୍ମୁ, ଅଶନା ପଞ୍ଚାୟତ ସମିତି ସଦସ୍ୟ ମନୋରଞ୍ଜନ ନାଏକ, ସାନପୁରୁଣାପାଣି ପଞ୍ଚାୟତ ସମିତି ସଦସ୍ୟ ଲାଲମୋହନ ହେମ୍ବ୍ରମ ପ୍ରମୁଖ ଯୋଗ ଦେଇଥିଲେ। ଜଳବାୟୁ ପରିବର୍ତ୍ତନ ସହିତ ବିଭିନ୍ନ ଚାଷ ଓ ନୂତନ ଧରଣର ଯନ୍ତ୍ରପାତି ବ୍ୟବହାର କରି ଚାଷ ପ୍ରଣାଳୀରେ ଉନ୍ନତି ଘଟାଇ ଅଧିକ ଅମଳ ଉତ୍ପାଦନ ବିଷୟରେ ଅତିଥିମାନେ ଚାଷୀଙ୍କୁ ଅବଗତ କରାଇଥିଲେ। ସେହିପରି ରାଜ୍ୟରେ କାଳିଆ ଯୋଜନା ସମସ୍ତ ଚାଷୀଙ୍କୁ ଏକ ନୂତନ ପରିଚୟ ଦେଇଛି ବୋଲି ମୁଖ୍ୟଅତିଥି ସୋ କହିଥିଲେ। ଚାଷୀ ଓ କୃଷି ଅଧିକାରୀଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ କରି ଚାଷ କ୍ଷେତ୍ରରେ ଉନ୍ନତି ଆଣିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି କୁହାଯାଇଥିଲା। ଶେଷରେ ପାଲା ମାଧ୍ୟମରେ କୃଷି କ୍ଷେତ୍ରରେ ବିଭିନ୍ନ ସରକାରୀ ଯୋଜନା ବିଷୟରେ ଚାଷୀମାନଙ୍କୁ ଅବଗତ କରାଯାଇଥିଲା। ରାଇରଙ୍ଗପୁର କୃଷି କ୍ଷେତ୍ର ଅଧିକାରୀ ଶରତ ଘୋଷ ଓ ବିଶୋଇ କୃଷି ଅଧିଦର୍ଶକ କମଳାକାନ୍ତ ଓଝା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଜ୍ଞାନ ମେଳା

**ଖଇରା, ୨୩।୨(ଡି.ଏନ.ଏ.)**
ଖଇରା ବ୍ଲକ ଆଦର୍ଶ ଶିକ୍ଷା ମନ୍ଦିରର ଛାତ୍ରଛାତ୍ରୀମାନଙ୍କୁ ନେଇ ଶିକ୍ଷା ମନ୍ଦିର ପରିସରରେ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ସୁଦର୍ଶନ ସେଠୀ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ କୁପାରୀ ହାଇସ୍କୁଲର ବିଜ୍ଞାନ ଶିକ୍ଷକ ଅଭୟ କୁମାର ଦଳେଇ ଓ ନଛିପୁର ହାଇସ୍କୁଲର ବିଜ୍ଞାନ ଶିକ୍ଷକ ହରିହର ପତ୍ରୀ ବିଚାରକ ଭାବେ ଯୋଗଦେଇଥିଲେ। ଏଥିରେ ୪୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା।

## ‘ଛାତ୍ରୀଛାତ୍ର ଭଲ ମଣିଷ ହେବା ଶିକ୍ଷାର ଲକ୍ଷ୍ୟ’

**ବାସୁଦେବପୁର, ୨୩।୨ (ଡି.ଏନ.ଏ.)**
ବାସୁଦେବପୁରସ୍ଥିତ ହନୁମାନ ବାଟିକା ପରିସରରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କଟକ ମହାନଗର ନିଗମର ଯୁଗ୍ମ କମିଶନର ସୁଭାଷ ନାଥ ଶର୍ମା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ର ଭଲ ମଣିଷ ହେଲେ ଶିକ୍ଷାର ମୌଳିକ ଲକ୍ଷ୍ୟ ପୂରଣ ହେବ ବୋଲି ସେ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଭାରତୀୟ କିଷାନ ସଂଘର ରାଷ୍ଟ୍ରୀୟ ସମ୍ପାଦକ ମୋହିନର ମୋହନ ମିଶ୍ର ଯୋଗଦେଇ ଶିକ୍ଷାର ଲକ୍ଷ୍ୟ ଓ ଆଭିମୁଖ୍ୟ ଉତ୍ତମ ଚରିତ୍ର ଗଠନ ହେବା ଉଚିତ ବୋଲି ବକ୍ତବ୍ୟ ରଖିଥିଲେ। ବିଦ୍ୟାମନ୍ଦିର ସଭାପତି ଡ. ବସନ୍ତ ଦାସ ସଭାପତିତ୍ୱ କରିଥିଲେ। ସମ୍ପାଦକ ରାଜେନ୍ଦ୍ର ନାରାୟଣ ମାହାନ୍ତ ଅତିଥି ପରିଚୟ ପ୍ରଦାନ ଓ ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର କୁମାର ବାରିକ ବିବରଣୀ ପାଠ କରିଥିଲେ। ଛାତ୍ର ଜଗନ୍ନାଥ ମହାପ୍ରସାଦ ସଂଗୀତ ଗାନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ର ‘ଦଇବ ଦଉଡ଼ି ମଣିଷ ଗାଇ’ ନାଟକ ପରିବେଷଣ କରିଥିଲେ।

## ବେଆଇନ ଅବରୋଧ ହଟାଇଲା ପ୍ରଶାସନ



ପ୍ରଶାସନ ପକ୍ଷରୁ ବେଆଇନ ଅବରୋଧ ହଟାଯାଉଛି।

**ରେମୁଣା, ୨୩।୨(ଡି.ଏନ.ଏ.)**
କ୍ଷୀରଚୋରା ଆର୍‌ଆଇ ଅଧୀନ ଅଠାନ୍ତର ଗାଁର ୩୭୧ ନମ୍ବର ପ୍ଲଟ ଉପରେ ଦୟାନିଧି ଦାସ ଏବଂ ଅନନ୍ତ ଦାସଙ୍କ ପରିବାର ରାସ୍ତା ପାର୍ଶ୍ୱ ଜମିରେ ଘର କରି ବସବାସ କରିଆସୁଥିଲେ। ମାତ୍ର ଉକ୍ତ ଜମି ରାସ୍ତା କିସମରେ ଆସୁଥିବାରୁ ସେମାନଙ୍କୁ ସେଠାରୁ ଉଚ୍ଛେଦ ପାଇଁ ଶ୍ରୀଧର ସିଂ ନାମକ ଜଣେ ବ୍ୟକ୍ତି ହାଇକୋର୍ଟରେ ଆବେଦନ କରିଥିଲେ। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ପ୍ରଶାସନ ବେଆଇନ ଅବରୋଧ ଦର୍ଶାଇ ସେହି ଦୁଇ ପରିବାରକୁ ଉଚ୍ଛେଦ ପାଇଁ ନୋଟିସ ଦେଇଥିଲେ। ଉକ୍ତ ସ୍ଥାନରୁ ଶନିବାର ଅବରୋଧ ହଟାଇବା ପାଇଁ ତହସିଲଦାର ସଞ୍ଜୟ କୁମାର ରାଉତ, ମାଜିଷ୍ଟ୍ରେଟ୍ ତଥା ଅତିରିକ୍ତ ତହସିଲଦାର ବିନୋଦ କୁମାର ପଣ୍ଡା, ଅତିରିକ୍ତ ତହସିଲଦାର ଆନନ୍ଦିତା ଆଚାର୍ଯ୍ୟ, ଥାନା ଅଧିକାରୀ ଜ୍ଞାନରଞ୍ଜନ ମିଶ୍ର, ଆରଆଇ ଶୁଭେନ୍ଦୁ କୁମାର ସାହୁ, ବିଦ୍ୟୁତ୍ ବିଭାଗ ଏବଂ ଦମକଳ ବାହିନୀ ପୋଲିସ ଫୋର୍ସ ସହିତ ସେଠାରେ ପହଞ୍ଚିଥିଲେ। ଡ୍ରୋଜରରେ ଉକ୍ତ ଅବରୋଧକୁ ହଟାଇ ଦିଆଯାଇଛି।

## ରୋଗମୁକ୍ତ ବ୍ୟକ୍ତିଙ୍କୁ ଥଇଥାନ ଉପରେ ଗୁରୁତ୍ୱ

**ବାଲେଶ୍ୱର ଅଫିସ, ୨୩।୨**
ବାଲେଶ୍ୱର ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡସ୍ଥିତ ବାଳାଶ୍ରମଠାରେ ଶୁକ୍ରବାର କୁଷ୍ଠ ପ୍ରତିରୋଧ ଦିବସ ଉପଲକ୍ଷେ କୁଷ୍ଠ ରୋଗରୁ ଆରୋଗ୍ୟ ଲାଭ କରିଥିବା ବ୍ୟକ୍ତିମାନଙ୍କ ଥଇଥାନ ସମ୍ବନ୍ଧରେ ଏକ କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପାତ୍ର ଏହାର ଶୁଭାରମ୍ଭ କରି କୁଷ୍ଠ ପ୍ରତିରୋଧ ଦିବସ ସମ୍ପର୍କରେ ସୂଚନା ଦେଇ ରୋଗମୁକ୍ତ ହୋଇଥିବା ବ୍ୟକ୍ତିଙ୍କୁ ଥଇଥାନ କରାଇବା ଉପରେ ଗୁରୁତ୍ୱ ଦେଇଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ କମଳାକାନ୍ତ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କର୍ମଶାଳାର ପ୍ରଥମାର୍ଦ୍ଧରେ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ (ପ୍ରଶାସନ) ସର୍ବେଶ୍ୱର ସିଂହ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁବାଷ ନିଆଲ, ଭାରପ୍ରାପ୍ତ ଜିଲା ସମାଜ ମଙ୍ଗଳ ଅଧିକାରୀ ସବିତା ରାଉତ, ସିଡିପିଓ ସୁଜାତା ପଟ୍ଟନାୟକ, ଶାନ୍ତିଲତା ସେଠୀ, ଗଜେନ୍ଦ୍ର କୁମାର ବେହେରା, ଫିଜିଓ ଥେରାପିଷ୍ଟ ଦାକ୍ଷିନ ହେମ୍ବ୍ରମ ଏବଂ ବିଶେଷଜ୍ଞ ଭାବେ ଜିଲା କୁଷ୍ଠ ଚିକିତ୍ସାଧିକାରୀ ଡ. ଅନ୍ତର୍ଯ୍ୟାମୀ ମିଶ୍ର ପ୍ରମୁଖ ଯୋଗଦେଇ କୁଷ୍ଠ ରୋଗର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ବିଶେଷ ଭାବେ କୁଷ୍ଠ ରୋଗ ପ୍ରାରମ୍ଭିକ ଅବସ୍ଥାରୁ ଚିକିତ୍ସା କରାଗଲେ ତାକୁ ସମ୍ପୂର୍ଣ୍ଣ ନିରାକରଣ କରାଯାଇପାରିବ ଏବଂ ରୋଗୀ କୌଣସି ପ୍ରକାର ଶାରୀରିକ ଅକ୍ଷମ ହେବାରୁ ବଞ୍ଚିପାରିବ ବୋଲି ବକ୍ତାମାନେ ମତ ରଖିଥିଲେ। ତେବେ ଏହି ରୋଗ ପ୍ରତି ରହିଥିବା ସାମାଜିକ ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ ଆସିବା ସହ ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ମିଶାଇବା ନିମନ୍ତେ ସରକାରୀସ୍ତରରେ ଯେଉଁସବୁ ସୁବିଧା ସୁଯୋଗ ରହିଛି ସେସବୁ ବିଷୟରେ ଉପସ୍ଥିତ କୁଷ୍ଠରୋଗରୁ ଆରୋଗ୍ୟ ଲାଭ କରିଥିବା ପ୍ରାୟ ୧୫୦ଜଣଙ୍କୁ ଅବଗତ କରାଯାଇଥିଲା। ପରେ ସେମାନଙ୍କ ମଧ୍ୟରେ କମ୍ବଳ ବଣ୍ଟନ କରାଯାଇଥିଲା।

# ଆଇନଜୀବୀ ସମାଜ ବିକାଶର ପ୍ରମୁଖ କର୍ଣ୍ଣଧାର

**ବାଲେଶ୍ୱର ଅଫିସ, ୨୩।୨**




ବିଜୁ ଜନତା ଦଳର ଜିଲା ଆଇନଜୀବୀ ସାମ୍ମୁଖ୍ୟ ସମ୍ମିଳନୀରେ ମଞ୍ଚାସୀନ ଅତିଥି।

ବାଲେଶ୍ୱର ବ୍ରିଟ୍ କଲ୍ୟାଣମଣ୍ଡପରେ ଶନିବାର ବିଜୁ ଜନତା ଦଳ ଆଇନ୍‌ଜୀବୀ ସାମ୍ମୁଖ୍ୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ଶିଳ୍ପ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସ ଯୋଗଦେଇ ଆଇନଜୀବୀମାନେ ସମାଜ ବିକାଶର ପ୍ରମୁଖ କର୍ଣ୍ଣଧାର ଅଟନ୍ତି ବୋଲି କହିଥିଲେ। ଏମ୍‌ପି ତଥା ବିଜେଡି ଜିଲା ସଭାପତି ଇଂ. ରବୀନ୍ଦ୍ର କୁମାର ଜେନା ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ସମାଜର ସାମଗ୍ରିକ ବିକାଶ ପାଇଁ ସହଯୋଗ ଜାରି ରଖିବା ପାଇଁ ଆହ୍ୱାନ ଦେଇଥିଲେ।

ସମ୍ମିଳନୀରେ ଜିଲା ଆବାହକ ବିନୋଦକୁମାର ପାଣି ସଭାପତିତ୍ୱ କରିଥିବା ବେଳେ ରାଜ୍ୟ ଆଇନଜୀବୀ ସାମ୍ମୁଖ୍ୟର ଉପଦେଷ୍ଟା ଅସୀମ ଅମିତାଭ ଦାସ ଏବଂ ରାଜ୍ୟ ସଂଯୋଜକ ଶୁଭ୍ରାଂଶୁ ମହାନ୍ତି ଯୋଗଦେଇ ରାଜ୍ୟର ଆଇନଜୀବୀଙ୍କ ବିକାଶ ପାଇଁ ପ୍ରଥମେ ୧କୋଟି ବାର୍ଷିକ ଅନୁଦାନ ବଢ଼ି ୫କୋଟି ହେବାର ସୂଚନା ଦେଇଥିଲେ। ସଦର ବିଧାୟକ ଜୀବନ ପ୍ରଦୀପ ଦାଶ, ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ, ସିମୁଳିଆ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ନୀଳଗିରି ବିଧାୟକ ସୁକାନ୍ତ ନାୟକ ଏବଂ ବାଲେଶ୍ୱର ଓକିଲ ସଂଘର ସଭାପତି ନିରଞ୍ଜନ ପଣ୍ଡା ଯୋଗଦେଇ ଓକିଲାତି ସେବାରେ ଜନସାଧାରଣ ନ୍ୟାୟ ପାଉଥିବାରୁ ଏହାର ମାନ ବୃଦ୍ଧି ପାଇଁ ସମସ୍ତେ ସହଯୋଗ ଜାରି ରଖିବା ପାଇଁ ନିବେଦନ କରିଥିଲେ। ଆଇନଜୀବୀ ଜିତେନ୍ଦ୍ର ଉପାଧ୍ୟାୟ ଅତିଥିମାନଙ୍କୁ ମଞ୍ଚକୁ ଆହ୍ୱାନ କରିଥିବା ବେଳେ ବରିଷ୍ଠ ଆଇନଜୀବୀ ଗୌରଚନ୍ଦ୍ର ବାରିକ ପରିଚୟ ପ୍ରଦାନ କରିଥିଲେ। ପ୍ରଥମେ ପୂର୍ବତନ ସାମ୍ମୁଖ୍ୟର ଆବାହକ ସ୍ୱର୍ଗତ ଶତ୍ରୁଘ୍ନ ବିଶ୍ୱାଳ ଏବଂ ଶହୀଦ ଯବାନଙ୍କ ପାଇଁ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସାମ୍ମୁଖ୍ୟରେ ଓକିଲମାନଙ୍କର ବିକାଶଧାରାରେ ଅନୁପ୍ରାଣିତ ହୋଇ ଅନ୍ୟ ଦଳରୁ ୪୦ଜଣ ଆଇନଜୀବୀ ବିଜେଡି ଆଇନଜୀବୀ ସାମ୍ମୁଖ୍ୟରେ ଯୋଗଦେଇଥିଲେ। ତାଙ୍କୁ ଦଳ ତରଫରୁ ସ୍ୱାଗତ କରାଯାଇଥିଲା। ସେହିପରି ୪ଜଣ ବରିଷ୍ଠ ଆଇନଜୀବୀ କୈଳାସ ଚନ୍ଦ୍ର ପଣ୍ଡା, ହରିହର ଦାସ, କୃଷ୍ଣଚନ୍ଦ୍ର ରାଉଳ, ଅଲେଖ ଚନ୍ଦ୍ର ଦାସଙ୍କୁ ମାନପତ୍ର ଦିଆଯାଇ ସମ୍ମାନିତ କରାଯାଇଥିଲା। ପ୍ରଭାତ ଦାସ, ଦୀପକ କୁମାର ଦାଶ, ସୁଲଳିତ କର, ଉତ୍ପଳ ମହାନ୍ତି, ରବୀନ୍ଦ୍ର ସେଠୀ, ଦେବାଶିଷ ପାତ୍ର, ରୀତାଞ୍ଜଳି ନନ୍ଦ, ରାଧାବଲ୍ଲଭ ଦାସ, ସଞ୍ଜୀବ ମିଶ୍ର, ବନ୍ଦନା ବିଶ୍ୱାଳ, ଭୁବନାନନ୍ଦ ଦାସ, ଲତିକା ରଣା, ପ୍ରମୋଦା ଦାସ, ବାସନ୍ତୀ ସାହୁ, ସାବନା ଖାତୁନ, ସୂର୍ଯ୍ୟକାନ୍ତ କର, ବିନୋଦ କୁମାର ପାଣି ପ୍ରମୁଖ ସହଯୋଗ କରିଥିଲେ।

# ମାର୍କୋଣା-ଦଧିବାମନପୁର ରାସ୍ତା ଶୋଚନୀୟ

**ସିମୁଳିଆ, ୨୩।୨(ଡି.ଏନ.ଏ.)**

■ ୨୫ରେ ମହିଳା ଗ୍ରୁପ, ବଣିକ ସଂଘ ଓ ସ୍ଥାନୀୟବାସୀଙ୍କ ଧାରଣା
■ ୨ମାସର କାମକୁ ଠିକାଦାର କରିଥିଲେ ୪ବର୍ଷ

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ସଦରମହକୁମା ମାର୍କୋଣାର ଜାତୀୟ ରାଜପଥରୁ ଦଧିବାମନପୁର ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଛି। ଲୋକ ପ୍ରତିନିଧି କିମ୍ବା ବିଭାଗୀୟ ଅଧିକାରୀ ମାନଙ୍କ ଆନ୍ତରିକତାର ଅଭାବ ଯୋଗୁ ବର୍ଷ ବର୍ଷ ଧରି ଏହି ରାସ୍ତା ଅବସ୍ଥାର ପରିବର୍ତ୍ତନ ହୋଇପାରୁନାହିଁ । ରାସ୍ତାରେ ଖାଲଢ଼ିପ ଯୋଗୁ ପ୍ରତ୍ୟେକ ଦିନ ଦୁର୍ଘଟଣା ଘଟିବା ସହିତ ପ୍ରବଳ ଧୂଳି ଉଡୁଥିବାରୁ ରାସ୍ତାରେ ଯାଉଥିବା ଆରୋହୀ, ସ୍ଥାନୀୟ ଜନସାଧାରଣ ଓ ମାର୍କୋଣା ଛକର ବ୍ୟବସାୟୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ବିରୋଧ କରି ବିଭିନ୍ନ ଏସ୍‌ଏଚ୍‌ଜିର ମହିଳା, ବ୍ୟବସାୟୀ ଓ ସ୍ଥାନୀୟ ବାସିନ୍ଦା ଆସନ୍ତା ସୋମବାର ଏହି ରାସ୍ତା ଉପରେ ଧାରଣାରେ ବସିବା ପାଇଁ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗୀୟ ଅଧିକାରୀ (ଏସ୍‌ଡ଼ିଓ ଆର୍‌ଡ଼ି), ତହସିଲଦାର, ବିଡିଓ, ଥାନା ଅଧିକାରୀ, ଏସ୍‌ପି, ଜିଲାପାଳ ଇତ୍ୟାଦି ବିଭିନ୍ନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ସିମୁଳିଆ ବ୍ଲକର ସଦରମହକୁମା ମାର୍କୋଣାର ଜାତୀୟ ରାଜପଥରୁ ଭଦ୍ରକ ଜିଲାର ଭଦ୍ରକ-ବାସୁଦେବପୁର ରାସ୍ତାର ବିନାୟକପୁର ନିକଟରେ ଏହି ରାସ୍ତାଟି ସଂଯୋଗ ହୋଇଛି। ତେବେ ଏହି ରାସ୍ତାର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଉଭୟ ଭଦ୍ରକ ଓ ବାଲେଶ୍ୱର ଜିଲାର ହଜାରହଜାର ଜନସାଧାରଣ ଏହି ରାସ୍ତା ଉପରେ ନିର୍ଭର କରୁଥିବା ବେଳେ ବିଭାଗୀୟ ଅଧିକାରୀମାନେ ଏଥିପ୍ରତି ସଚେତନ ନ ଥିବାର ଅଭିଯୋଗ ହୋଇ ଆସୁଥିଲେ ହେଁ ରାସ୍ତାର ସୁଧାର ହୋଇପାରୁନାହିଁ। ପ୍ରକାଶ ଯେ ଗତ ୨୦୧୦ ମସିହାରେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ସିମୁଳିଆ ବ୍ଲକ ଅଧୀନ ମାର୍କୋଣାରୁ ଦଧିବାମନପୁର ପର୍ଯ୍ୟନ୍ତ ମୋଟ୍ ୮କି.ମି. ୨ଶହ ମିଟର ରାସ୍ତା ପାଇଁ ୩କୋଟି ୭୫ଲକ୍ଷ ୯୨ହଜାର ୨୭୩ଟଙ୍କା ମଞ୍ଜୁର ହୋଇଥିଲା । ଏଥିରେ ୧.୬କି.ମି. ରାସ୍ତା କଂକ୍ରିଟ, ୬.୬କି.ମି. ରାସ୍ତା ପିଚୁ ସହିତ ଛୋଟବଡ ୨୩ଟି ପୋଲ ନିର୍ମାଣ କରାଯିବା ସହିତ ଏହି କାର୍ଯ୍ୟ ଗତ ୧୯।୧୦।୧୦ ରେ ଆରମ୍ଭ ହୋଇ ୧୮।୧୨।୧୦ ଅର୍ଥାତ ୨ମାସ ମଧ୍ୟରେ ଶେଷ ପାଇଁ ନିର୍ଦ୍ଦେଶ ରହିଥିଲା । ତେବେ ଠିକାଦାର ଏହାକୁ ସେପ୍ଟେମ୍ବର ୨୦୧୪ ପର୍ଯ୍ୟନ୍ତ ରହିରହି ନିର୍ମାଣ କରିଥିଲେ। ଏହାକୁ ବିରୋଧ କରି ଗତ ୧୯।୧୧।୧୩ରେ ସ୍ଥାନୀୟ କୁନ୍ତଳା କୁମାରୀ ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ ଆର୍‌ଡି କାର୍ଯ୍ୟାଳୟ ପରିସରରେ ଧାରଣାରେ ବସିଥିଲେ । ଏ ସମ୍ପର୍କରେ ‘ଧରିତ୍ରୀ’ ‘୩ବର୍ଷ ହେଲା ନିର୍ମାଣ ସରୁନି, ପୂର୍ତ୍ତ ବିଭାଗ କାର୍ଯ୍ୟାଳୟରେ ଛାତ୍ରୀଙ୍କ ଧାରଣା’ ଓ ଗତ ୨୧।୯।୧୪ରେ ‘୪ବର୍ଷ ବିତିଲା, ମାର୍କୋଣା-ଦଧିବାମନପୁର ରାସ୍ତା ଅସମ୍ପୂର୍ଣ୍ଣ’ ଶୀର୍ଷକରେ ଖବର ପ୍ରକାଶ ପାଇଥିଲା।

